## ନିଆଁଲାଗି ସାଇକେଲ୍ ଦୋକାନ ଭସ୍ମୀଭୂତ

ଯାଜପୁର ଟାଉନ, (ଡି.ଏନ.ଏ.): ଯାଜପୁର ବ୍ଲକ୍ ଅନ୍ତର୍ଗତ ଜମଧର ପଞ୍ଚାୟତର ତୋଫି ଛକରେ ଥିବା ସେକ୍ ମହମ୍ମଦ ଉସ୍ମାନଙ୍କ ସାଇକେଲ ଦୋକାନ ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବାବେଳେ ଏହା ବିଦ୍ୟୁତ୍ ସଟ୍‌ସର୍କିଟ ଯୋଗୁ ଘଟିଥିବା ଅନୁମାନ କରାଯାଉଛି। କେହି ଦୁବୃତ୍ତ ତାଙ୍କ ଦୋକାନ ଘରେ ନିଆଁ ଲଗାଇଦେଇଥିବା ମାଲିକ କହୁଛନ୍ତି। ମଙ୍ଗଳବାର ରାତିରେ ଦୋକାନର ମାଲିକ ସେକ୍ ମହମ୍ମଦ ଉସ୍ମାନ ରାତିରେ ଦୋକାନ ବନ୍ଦ କରି ନିଜ ଘରକୁ ଫେରିଥିଲେ। ରାତି ପ୍ରାୟ୨ଟା ସମୟରେ ତାଙ୍କ ଦୋକାନରେ ନିଆଁ ଲାଗି ୧୫ ସାଇକେଲ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ିଯାଇଛି। ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ମା'ଦରିଆ ନାହାକାଣୀ ପୀଠରେ ଚଣ୍ଡୀ ମହାଯଜ୍ଞ

ସିଂହପୁର,୧୨।୪(ଡି.ଏନ.ଏ.): ବିଂଝାରପୁର ବ୍ଲକ ସିଂହପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ଦରିଆ ନାହାକାଣୀ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ୨୧ତମ ଚଣ୍ଡି ମହାଯଜ୍ଞ ଆରମ୍ଭ ହୋଇଛି। ୧୧ ତାରିଖରୁ ଆରମ୍ଭ ହୋଇଥିବା ଯଜ୍ଞ ପଣା ସଂକ୍ରାନ୍ତି ଦିନ ଉଦ୍‌ଯାପିତ ହେବ। ଏଥିରେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋପୂଜା, ପ୍ରତ୍ୟେହ ସପ୍ତସତୀମନ୍ତ୍ରରେ ଆହୁତ ଦିଆଯାଉଛି। ସଂକ୍ରାନ୍ତି ଦିନ ପୂର୍ଣ୍ଣାହୁତି ଦିଆଯିବ। ପଣ୍ଡିତ ମହେଶ୍ୱର ନନ୍ଦ, ଜୟଦେବ ମିଶ୍ର, ଜ୍ୟୋତି ନାରାୟଣ ତ୍ରିପାଠୀ, ରଞ୍ଜିତ କୁମାର ତ୍ରିପାଠୀ, ପ୍ରତାପ କିଶୋର ପାଣି, ଶଶଧର ଦାଶ ପୂଜାକାର୍ଯ୍ୟ ସମ୍ପାଦାନ କରୁଛନ୍ତି। ଗୋବିନ୍ଦ ସାମଲ ସସ୍ତ୍ରୀକ କର୍ତ୍ତାକର୍ତ୍ତୀ ଭାବେ ପୂଜାରେ ବସିଛନ୍ତି। ଏହି ଯଜ୍ଞକୁ ମା'ଙ୍କ ଉନ୍ନୟନ ପରିଷଦର କର୍ମକର୍ତ୍ତା ପରିଚାଳନା କରୁଛନ୍ତି।

### ବେଆଇନ ବାଲି ବୋଝେଇ ଗାଡ଼ି ଜବତ

ବିଞ୍ଝାରପୁର,୧୨।୪(ଡି.ଏନ୍.ଏ.): ବିଞ୍ଝାରପୁର ତହସିଲ ଅଧୀନ ପ୍ରୀତିପୁର ଆଇଆଇ ସର୍କଲରୁ ଅଳକୁଣ୍ଡ ଥାନା ପୋଲିସ ଦୁଇଟି ବାଲି ବୋଝେଇ ଗାଡ଼ି ଜବତ କରିଛି। ପୋଲିସ ଉଭୟ ଗାଡ଼ିକୁ ଥାନାରେ ଅଟକ ରଖିଛି। ବିଞ୍ଝାରପୁର ତହସିଲ ପକ୍ଷରୁ ଉଭୟ ଗାଡ଼ି ମାଲିକଙ୍କଠାରୁ ୨୦ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଜରିମାନା ଆଦାୟ କରାଯାଇଛି।

### ସ୍ୱାଭିମାନ ମଞ୍ଚର ବୈଠକ

କାଏମା, ୧୨।୪(ଡି.ଏନ.ଏ.) : ସ୍ୱାଭିମାନ ମଞ୍ଚର ଏକ ସାଧାରଣ ବୈଠକ ମଙ୍ଗଳବାର ବଡ଼କାଏମା ପଞ୍ଚାୟତ ଅଧୀନ ମଞ୍ଚ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସୁଧାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିଶିର କୁମାର ମାହାଣା, ନିକୁଞ୍ଜ ବେହେରା, ଦିଲ୍ଲୀପ ପ୍ରଧାନ, ପ୍ରକାଶ ଚନ୍ଦ୍ର ବେହେରା, ଶିବପ୍ରସାଦ ମହାନ୍ତି, ପ୍ରମୋଦ ରାଉତ, ମାନସ ରଞ୍ଜନ ମଲ୍ଲିକ, ବିନୋଦ ବେଜ, ସୁକାନ୍ତ ସାହୁ ସଦସ୍ୟମାନେ ଉପସ୍ଥିତ ଥିଲେ। ଦିଲ୍ଲୀପ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ସ୍ମୃତି ସଭା

ବାଲିଚନ୍ଦ୍ରପୁର,୧୨।୪(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ପଞ୍ଚାୟତର ବିଶିଷ୍ଟ ଶିକ୍ଷାବିତ୍ ଶଙ୍କର୍ଷଣ ତ୍ରିପାଠୀଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଉମାକାନ୍ତ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ଜଗନ୍ନାଥ ମନ୍ଦିର ରାଜସ୍ୱ ବିଭାଗର ମୁଖ୍ୟ ପ୍ରଶାସକ ପ୍ରମୋଦ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ମୁଖ୍ୟ ଜିଲା ବିଚାରପତି ବୈଶମ୍ପାୟନ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ତ୍ରିପାଠୀଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କର ବହୁମୁଖି ପ୍ରତିଭା ଉପରେ ଗୁଣଗାନ କରିଥିଲେ। ଡ. ଭାଗବତ ଶୁକ୍ଳ, ରମାକାନ୍ତ ସାମଲ, ଶରତ ଚନ୍ଦ୍ର ପ୍ରଧାନ, ବିଜୟ କୁମାର ତ୍ରିପାଠୀ, ଜ୍ଞାନେନ୍ଦ୍ର ତ୍ରିପାଠୀ, ଡ.ହରିଶ ଚନ୍ଦ୍ର ପୃଷ୍ଟି, ଭାଗ୍ୟଧର ସାହୁ, ଅଜିତ୍ ମହାନ୍ତି, ବିଷ୍ଣୁ ଚରଣ ପ୍ରଧାନ, କାହ୍ନୁ ଚରଣ ପ୍ରଧାନ, ରବୀନ୍ଦ୍ର ସାମଲ, ଧରଣୀଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଭାନୁଦେବ ପତି ଧନ୍ୟବାଦ ଅର୍ପଣ କରିଥିଲା ବେଳେ ସ୍ୱର୍ଗତ ତ୍ରିପାଠୀଙ୍କ ପୁତ୍ର ଅଧାପକ ଚିତ୍ତରଞ୍ଜନ ତ୍ରିପାଠୀ ସଭା ପରିଚାଳନାରେ କରିଥିଲେ। ସ୍ୱର୍ଗତ ଶଙ୍କର୍ଷଣ ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ପୁସ୍ତକ 'ସ୍ମୃତି ସୌରଭ' ଉନ୍ମୋଚିତ ହୋଇଥିଲା। ଏହି ସଭାରେ ବନ୍ଧୁ ପରିଜନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ଖଣି କର୍ମଚାରୀଙ୍କ ୫ କୋଟି ଇପିଏଫ୍ ଟଙ୍କା ଆତ୍ମସାତ୍

କାଳିଆପାଣି,୧୨।୪(ଡି.ଏନ.ଏ.)

- ଖଣି ବନ୍ଦ ହେଲେ ମାଲିକ କୋଟିପତି
- ଶ୍ରମିକ, କର୍ମଚାରୀ ଦାଦନ ଖଟିବାକୁ ଅନ୍ୟରାଜ୍ୟ ମୁହାଁ

ଯାଜପୁର ଜିଲାରେ କର୍ମଚାରୀ ଓ ଶ୍ରମିକଙ୍କୁ ଶୋଷଣ କରିବା କେତେଜଣ ଖଣି ମାଲିକଙ୍କ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଦରମା ପରେ ଏବେ କର୍ମଚାରୀ ଓ ଶ୍ରମିକଙ୍କ ଭବିଷ୍ୟତ ନିଧି ଟଙ୍କା ଆତ୍ମସାତ୍ କରାଯାଉଛି ବୋଲି ଅଭିଯୋଗ ହୋଇଛି।

୨୦୦୧ରେ ସୁକିନ୍ଦା ଖଣି ଅଞ୍ଚଳରେ ୪ ନୂତନ ଖଣି କାର୍ଯ୍ୟାରମ୍ଭ କଲା। ସେଥିମଧ୍ୟରୁ ବାଲେଶ୍ୱର ଆଲଏଜ୍ କାରଖାନାକୁ ସୁକିନ୍ଦାର କାଳିଆପାଣି କ୍ରୋମାଇଟ ଖଣି ଲିଜ୍ ଆକାରରେ ରାଜ୍ୟ ସରକାର ଦେଇଥିଲେ। ସେହି ଖଣି ଖୋଲା ହେବା ପରେ ଅଞ୍ଚଳବାସୀ ନିଜ ସହିତ ପରିବାରର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶା ରଖି ଖଣିରେ କାମ କରିଥିଲେ। ବାଲେଶ୍ୱର ଆଲଏଜ ଖଣିରେ ସ୍ଥାୟୀ ଓ ଠିକାଦାରଙ୍କ ପାଖରେ କାମ କରୁଥିବା ୬ଶହରୁ ଉର୍ଦ୍ଧ୍ୱ କର୍ମଚାରୀ, ଶ୍ରମିକଙ୍କ କାମ କରିଥିଲେ। ୬୫ ହେକ୍ଟର ପରିମିତ ଲିଜ୍ ଜମିରେ ଖଣି ଖୋଳିବା ସହ କମ୍ପାନୀ ଡମ୍ପ ଓ କ୍ରୋମାଇଟ ପ୍ଲଟ କରିଥିଲା। ସେ ସମୟରେ କମ୍ପାନୀର ଏକ ନିଜସ୍ୱ ଠିକାଦାର କେଡେନସିଆଲ (କ୍ରେଡେନସିଆଲ ଲୋଜେଷ୍ଟିକ) କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇଥିଲା। ଗତ ୨୦୧୭ରେ କମ୍ପାନୀ ନିଜ ଖଣି କାମ ସଙ୍କୁଚିତ କରିବା ଆରମ୍ଭ କରିଥିଲା। ସେବେଠାରୁ ଠିକାଦାରଙ୍କ ଲାଇସେନ୍ସ ଅଚଳ ହୋଇଗଲା। ପରବର୍ତ୍ତୀ ସମୟରେ କରୋନା ମହାମାରୀ ଯୋଗୁ ଖଣି କାମ ପ୍ରଭାବିତ ହୋଇଥିଲା। ସେ ସମୟରେ ଖଣି ମାଲିକ କର୍ମଚାରୀମାନଙ୍କୁ ଦରମା ଦେବା ବନ୍ଦ କରିଦେଇଥିଲେ। ୨୦୧୭ରୁ ଇପିଏଫ୍ (ଭବିଷ୍ୟତ ନିଧି) ଟଙ୍କା କର୍ମଚାରୀଙ୍କଠାରୁ କାଟି ରଖି ଜମା କରି ନ ଥିଲେ। ୨୦୨୨ରେ କମ୍ପାନୀର ୨୧୦ ଜଣ ସ୍ଥାୟୀ କର୍ମଚାରୀଙ୍କ କଟାଯାଇଥିବା ଟଙ୍କା ଜମା କରିଥିବା ବେଳେ କମ୍ପାନୀ ପକ୍ଷରୁ ଜମା କରିବାକୁ ଥିବା ଟଙ୍କା ଜମା କରାଯାଇ ନ ଥିଲା। ଏହାକୁ ନେଇ କର୍ମଚାରୀମାନେ ଆସିଷ୍ଟାଣ୍ଟ ଲେବର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ କର୍ମଚାରୀମାନେ ହତାଶ ହୋଇଥିଲେ। କମ୍ପାନୀର ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀଙ୍କ ଭବିଷ୍ୟତ ନିଧି ହିସାବ କଲେ ଆନୁମାନିକ ୫ କୋଟି ଟଙ୍କା ହେବ ବୋଲି ବହୁ କର୍ମଚାରୀ ଅଭିଯୋଗ କରିଛନ୍ତି। ୨୦୧୭ରୁ କମ୍ପାନୀ ଦରମା ଦେବା ବନ୍ଦ କରିବା ସହ ଅନ୍ୟାନ୍ୟ ସମସ୍ତ ଦେୟ ଓ ଭବିଷ୍ୟତନିଧି ପାଣ୍ଠିରେ ଜମା କରିବା ବନ୍ଦ କରିଦେଇଥିଲା। ଫଳରେ କର୍ମଚାରୀମାନେ ଦରମା ନ ପାଇ ଆର୍ଥିକ ଅନଟନ ମଧ୍ୟରେ ଦିନ କାଟିଥିଲେ। ଶେଷରେ ପରିବାର ପ୍ରତିପୋଷଣ ପାଇଁ ସେମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ଏବେ ବହୁ କର୍ମଚାରୀ ବିଭିନ୍ନ ରାଜ୍ୟରେ ଦାଦନ ଖଟୁଛନ୍ତି। ସେମାନେ ଇପିଏଫ୍ ସମ୍ପର୍କରେ କମ୍ପାନୀ ଅଧିକାରୀଙ୍କଠାରୁ କୌଣସି ଉତ୍ତର ପାଉନାହାଁନ୍ତି। ଏ ନେଇ କମ୍ପାନୀର ଖଣି ମହାପ୍ରବନ୍ଧକ ପତିତ ବାରିକଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ।



ବାଲେଶ୍ୱର ଆଲ୍‌ଏଜ ଖଣିର ସମ୍ମୁଖ ଭାଗ।

## ୮ ୱାର୍ଡରେ ସଭ୍ୟା,ସଭ୍ୟ ନିର୍ବାଚନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

ରସୁଲପୁର,୧୨।୪(ଡି.ଏନ.ଏ.)

୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହି ସମୟରେ ରସୁଲପୁର ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତ ମଧ୍ୟରୁ ୧୫ ପଞ୍ଚାୟତର ୨୨ ୱାର୍ଡରେ ବିଭିନ୍ନ କାରଣରୁ ନିର୍ବାଚନ ହୋଇପାରି ନ ଥିଲା। ସେଥି ମଧ୍ୟରୁ ୮ଟି ୱାର୍ଡରେ ନିର୍ବାଚନ ଅନୁଷ୍ଠିତ ହେବା ନେଇ ପ୍ରକାଶିତ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରୁ ବୁଧବାର ସ୍ପଷ୍ଟ ହୋଇଛି। ୧୫ ୱାର୍ଡରୁ ଏକାଧିକ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ବୁଧବାର ପ୍ରାର୍ଥୀମାନେ ନାମାଙ୍କନପତ୍ର ପ୍ରତ୍ୟାହାର କରି ନେବାରୁ ଆଉ ମାତ୍ର ୮ ୱାର୍ଡରେ ନିର୍ବାଚନ ହେବ ବୋଲି ଜଣାପଡିଛି। ନିର୍ବାଚନ ହେବାକୁ ଥିବା ପଞ୍ଚାୟତଗୁଡିକ ହେଲା ଅର୍ଥଗାଁ ପଞ୍ଚାୟତର ୩ନଂ.ୱାର୍ଡ, ଓଡିଶୋର ୧୯ନଂ, କଳଣର ୫, ୧୪ ଓ ୧୯ନଂ, ଗନ୍ଧଣର ୨୦ନଂ, ରାହାମ୍ବାର ଓ ମୁଗୁପାଳ ପଞ୍ଚାୟତର ୬ନଂ. ୱାର୍ଡ। ମେ ୨ ତାରିଖ ସକାଳ ୭ଟାରୁ ଅପରାହ୍ନ ୧ଟା ମଧ୍ୟରେ ଏ ସବୁ ୱାର୍ଡରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ରସୁଲପୁର ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା ସୁଚନା ଦେଇଛନ୍ତି।

# ଡିଜିଟାଲ ଟେକ୍ନୋଲୋଜିରେ ଜମି ସର୍ଭେର ଶୁଭାରମ୍ଭ



ଡିଜିଟାଲ ଟେକ୍ନୋଲୋଜିରେ ଜମି ସର୍ଭେର ଶୁଭାରମ୍ଭ ଉତ୍ସବରେ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ଅନ୍ୟମାନେ।

ବିଞ୍ଝାରପୁର,୧୨।୪(ଡି.ଏନ୍.ଏ.)

### ସହଜ ହେବ ଜମି ଚିହ୍ନଟ, ପଟ୍ଟା ପ୍ରାପ୍ତି : ମନ୍ତ୍ରୀ

ଯାଜପୁର ଜିଲାରେ ପ୍ରଥମ ଥର ପାଇଁ ଡିଜିଟାଲ ଟେକ୍ନୋଲୋଜିରେ ଜମି ସର୍ଭେର ଶୁଭାରମ୍ଭ ରାଜସ୍ୱ ବିଭାଗ ପକ୍ଷରୁ କରାଯାଇଛି। ଏଥିନେଇ ବିଭାଗୀୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏହି କାର୍ଯ୍ୟର ଶୁଭାରମ୍ଭ ବିଞ୍ଝାରପୁର ତହସିଲ ଅଧୀନ ଅଳକୁଣ୍ଡ ପଞ୍ଚାୟତରୁ ଆରମ୍ଭ କରିଛନ୍ତି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଦିବ୍ୟଲୋଚନ ମାହୁନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ ଏରସାଦ, ଜିଲାପରିଷଦ ସଭ୍ୟ ସୁନିତା ନାୟକ, ନନ୍ଦ କିଶୋର ସାମଲ, ଅହଲ୍ୟା ସ୍ୱାଇଁ, ଅଳକୁଣ୍ଡ ସରପଞ୍ଚ ସୁଶାନ୍ତ କୁମାର ଦାସ, ନାଏବ ସରପଞ୍ଚ ଜ୍ୟୋତିରେଖା ପରିଡା , ଲ୍ୟାଣ୍ଡ ରେକର୍ଡ ଓ ସର୍ଭେର ବରିଷ୍ଠ ଅଧିକାରୀ ବିକାଶ ଚନ୍ଦ୍ର ମହାପାତ୍ର, ତହସିଲଦାର କୈଳାସ ମହାଳିକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ। ୧୯୨୮ପରଠାରୁ ଏହି ଅଞ୍ଚଳରେ ନୂତନ ପଟ୍ଟା ହୋଇପାରିନାହିଁ। ତେଣୁ ଏହି ସର୍ଭେ ଯୋଗୁ ଜମି ଚିହ୍ନଟ ଓ ପଟ୍ଟା ପ୍ରାପ୍ତ ଅତ୍ୟନ୍ତ ସହଜ ହେବ ବୋଲି ମନ୍ତ୍ରୀ ପ୍ରମିଳା ମଲ୍ଲିକ ନିଜ ବକ୍ତବ୍ୟରେ କହିଥିଲେ। ଏହାଦ୍ୱାରା ଲୋକମାନେ ଉପକୃତ ହେବେ ବୋଲି କହିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ମହାନ୍ତି, ମୁରଲୀ ବେହେରା, ଅନୁପମା ଦାସ, ନିରନ ସାହୁ, ବିଭୂଦତ୍ତ ସାମଲ, ନିରୋଦ ପଣ୍ଡା, ଅକ୍ଷୟ ସାହୁ, ଚିତ୍ତ ରଞ୍ଜନ ବେଉରିଆ, ଆଶିଷ ବେଉରିଆ, କୈଳାସ ମହାନ୍ତି, ମହମ୍ମଦ ଓକିଲ, ମଇଦୁଲ ଇସଲାମ, ଅନନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ୧୧ତମ ମହାବୀର ଜୟନ୍ତୀ, ଯଜ୍ଞ ଆରମ୍ଭ

ରସୁଲପୁର,୧୨।୪(ଡି.ଏନ.ଏ.)

ଯାଜପୁର ଜିଲା ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ବରଜପୁର ଗ୍ରାମରେ ମହାବୀରଙ୍କ ୧୧ତମ ଜୟନ୍ତୀ ଓ ଯଜ୍ଞ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ପୂଜା ଓ ଯଜ୍ଞ ୩ ଦିନ ଚାଲିବ। ମଙ୍ଗଳବାର ଅଙ୍କୁରାରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଯଜ୍ଞର ପ୍ରଥମ ଦିନ ଶତାଧିକ ମହିଳା, ପୁରୁଷ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ୧୦୮ କଳସରେ ପବିତ୍ର ଜଳ ଆଣି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞବେଦିରେ ସ୍ଥାପନ କରିଥିଲେ। ଏହାପରେ ଯଜ୍ଞ ଆରମ୍ଭ ହୋଇଥିଲା। ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ସୂର୍ଯ୍ୟପୂଜା, ଗୋପୂଜା, ସୌରାଗ୍ନି ସ୍ଥାପନ,ମଣ୍ଡଳ ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ସନ୍ତୋଷ ନାୟକ ସସ୍ତ୍ରୀକ କର୍ତ୍ତାକର୍ତ୍ତ୍ରୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ମୁଖ୍ୟ ପୁରୋହିତ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଅଣାକାର ଦାଶ,ସୁଧୀର କୁମାର ମିଶ୍ର, ତଥାଗତ ପତି, ଭୋଳାନାଥ ଦାଶ, ନିମାଇଁ ଚରଣ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ପଣ୍ଡିତମାନଙ୍କ ମନ୍ତ୍ର, ଭଜନ, ହୁଳହୁଳି ଓ ଶଙ୍ଖ ଧ୍ୱନିରେ ସାରା ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

# ଧର୍ମଶାଳା ମେଡିକାଲ ଡାକ୍ତରୀ ପଦବୀ ପୂରଣ ହେବ

## ଉନ୍ନୟନ କମିଟିର ସମୀକ୍ଷା ବୈଠକ


ସମୀକ୍ଷା ବୈଠକରେ ବିଧାୟକ ଓ ବିଭିନ୍ନ ବିଭାଗର ଅଧିକାରୀ।

ଧର୍ମଶାଳା,୧୨।୪(ଡି.ଏନ.ଏ.)

ଧର୍ମଶାଳା ପଞ୍ଚାୟତ ସମିତି ସଭା ଗୃହରେ ବୁଧବାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ସଭାପତିତ୍ୱରେ ଯାଜପୁର ଜିଲାର ସମସ୍ତ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ, କୃଷି, ଖାଉଟି ସୁରକ୍ଷା, ସାମାଜିକ ସୁରକ୍ଷା ଓ ଅନ୍ୟ ଅଧିକାରୀମାନଙ୍କ ସହିତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ଆବାହାକ ଭାବେ ଯୋଗଦେଇଥିଲେ। ଉପ-ଆରକ୍ଷୀ ଅଧୀକ୍ଷକ ସଞ୍ଜୟ ପଟ୍ଟନାୟକ, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ଓ ରସୁଲପୁର ବିଡିଓ, ତହସିଲଦାର ଧର୍ମଶାଳା, ଧର୍ମଶାଳା ଓ ଜେନାପୁର ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ଜିଲା ଓ ବ୍ଲକ୍‌ସ୍ତରର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଧର୍ମଶାଳା ମେଡିକାଲରେ ଆବଶ୍ୟକ ସଂଖ୍ୟକ ଡାକ୍ତର କମ୍ ଥିବା ନେଇ ଆଲୋଚନା ହେବାପରେ ଖୁବ ଶୀଘ୍ର ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେବା ସହିତ ଜାରକା ବଜାର ଉପରେ ବିଦ୍ୟୁତ୍ ତାର ଓ ମିଟର ବିପଦଜନକ ସ୍ଥିତିରେ ଥିବାରୁ ଏହାର ତୁରନ୍ତ ସମାଧାନ କରିବା ପାଇଁ ଆଲୋଚନା କରାଯାଇଥିଲା। ପାନୀୟଜଳ କ୍ଷେତ୍ରରେ ବିଭିନ୍ନ ଗ୍ରାମରେ ଜଳ ଯୋଗାଣ ନିମନ୍ତେ ରାସ୍ତାଗୁଡିକୁ ମେଘା କମ୍ପାନୀ ଦ୍ୱାରା ଖୋଳାଯାଇ ପାଇପ ପଡିବାପରେ ରାସ୍ତାର ମରାମତି କରାଯାଉନାହିଁ, ବସୁଧା ଯୋଜନାରେ ଯେଉଁ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହୋଇଛି, ଅଧିକାଂଶ ସ୍ଥାନରେ ଲୋକମାନେ ପାନୀୟଜଳର ସୁବିଧା ପାଇ ପାରୁନାହାଁନ୍ତି। ଆଗକୁ ଖରାର ପ୍ରକୋପରେ ବିଭିନ୍ନ ସ୍ଥାନରେ ପାନୀୟ ଜଳର ଅଭାବ ଦେଖାଯିବାର ସମ୍ଭାବନା ରହିଛି, ସେଥିପାଇଁ ଯେଉଁଠି ଅଚଳ ନଳକୂପ ରହିଛି, ତା ପରିବର୍ତ୍ତେ ନୂତନ ନଳକୂପର ବ୍ୟବସ୍ଥା କରିବା ପାଇଁ ଆଲୋଚନା କରାଯାଇଛି। ମତଗୁଞ୍ଜର ନାଳର ପୁନରୁଦ୍ଧାର କରାଯିବା ପାଇଁ ଆଲୋଚନା କରାଯାଇଥିଲା। ବର୍ଷା ସମୟରେ ଜାରକା ବଜାର ଏବଂ ନାକପୋଲ ପୂର୍ତ୍ତ ବିଭାଗ ରାସ୍ତାରେ ପାଣି ଜମି ରହୁଛି, ଯାହା ଜନ ସାଧାରଣଙ୍କ ଯାତାୟତରେ ଘୋର ଅସୁବିଧା ହେଉଛି, ତୁରନ୍ତ ବିଭାଗ ତରଫରୁ ପଦକ୍ଷେପ ନେବାପାଇଁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି।

# ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବ୍ୟାସନଗର ପୌରପାଳିକା ବଜେଟ

ଯାଜପୁରରୋଡ,୧୨।୪(ଡିଏନଏ)


ବ୍ୟାସନଗର ପୌରପାଳିକା ପକ୍ଷରୁ ଚଳିତ ବର୍ଷର ବଜେଟ ଉପସ୍ଥାପନ କରାଯାଉଛି।

ବ୍ୟାସନଗର ପୌରପରିଷଦ ସମ୍ମିଳନୀ ଗୃହରେ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ବଜେଟ ଉପସ୍ଥାପିତ ହୋଇଛି। ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ବିକ୍ରମ କୁମାର ମଳିକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଅଶୋକ କୁମାର ବଳ, ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ,ଉପନଗରପାଳ ସୁବାସ ଚନ୍ଦ୍ର ବଳ ଏବଂ ୨୬ ୱାର୍ଡର କାଉନସିଲରମାନେ ଉପସ୍ଥିତ ଥିଲେ। ବ୍ୟାସନଗର ପୌରପାଳିକାର ଅର୍ଥ ବିଭାଗ ପକ୍ଷରୁ ବଜେଟ ଉପସ୍ଥାପନ କରାଯାଇଥିଲା। ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ବଜେଟରେ ୪୨କୋଟି ଅଧିକ ଅର୍ଥ ବ୍ୟୟ କରାଯିବା ବୋଲି ପୌରପାଳିକା ଅର୍ଥ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ପୂର୍ବ ଆର୍ଥିକବର୍ଷରେ ୨କୋଟି ୨୯ଲକ୍ଷ ୩୭ହଜାର ୬୫୦ଟଙ୍କା ୭୪ ପଇସା ପ୍ରାରମ୍ଭିକ ରାଶି ରହିଥିବା ବେଳେ ବର୍ଷ ଶେଷର ଆୟ ୪୪କୋଟି ୭୯ଲକ୍ଷ ୨୭ହଜାର ୬୫୦ ଟଙ୍କା ୭୪ପଇସା ରହିଥିଲା। ଏହି ଅର୍ଥ ରାଶିକୁ ଲକ୍ଷ୍ୟରେ ରଖି ୨୦୨୩-୨୪ ଆର୍ଥିକ ବର୍ଷରେ ବଜେଟର ପରିକଳ୍ପନା କରାଯାଇଛି।

# ଉଦ୍‌ଘାଟନ ପରେ ଭବାନୀପୁର ଶୀତଳ ଭଣ୍ଡାର ବନ୍ଦ

ଧର୍ମଶାଳା,୧୨।୪(ଡି.ଏନ.ଏ.)



ଉଦ୍‌ଘାଟନ ପରଠାରୁ ଅଚଳ ହୋଇପଡିଥିବା ମିନି ଶୀତଳ ଭଣ୍ଡାର।

- ଉତ୍ପାଦିତ ପନିପରିବା ରଖି ପାରୁ ନାହାନ୍ତି ଚାଷୀ
- ଅନ୍ୟ ପଞ୍ଚାୟତରେ ବି ନାହିଁ ଶୀତଳ ଭଣ୍ଡାର

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍‌ର ଭବାନୀପୁର ଶୀତଳ ଭଣ୍ଡାର ଉଦ୍‌ଘାଟନ ପରଠାରୁ ଅଚଳ ହୋପଡିଥିବା ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ ନିର୍ମିତ ଏହି ମିନି ଶୀତଳ ଭଣ୍ଡାର ଭବାନୀପୁର ପଞ୍ଚାୟତର ଚାଷୀଙ୍କ କାମରେ ଆଦୌ ଲାଗୁ ନ ଥିବା ଅଭିଯୋଗ ହୋଇଛି। କେବଳ ସୂଚନା ଫଳକରେ ସୀମିତ ଶୀତଳ ଭଣ୍ଡାରର ଉଭୟ ପାର୍ଶ୍ୱରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଭବାନୀପୁର ପଞ୍ଚାୟତର ଅଧିକ ପନିପରିବା ଚାଷ ହେଉଥିବାରୁ ଶୀତଳ ଭଣ୍ଡାର ଉପରେ ଚାଷୀମାନେ ନିର୍ଭର କରନ୍ତି। ହେଲେ ଶୀତଳ ଭଣ୍ଡାର ଅଭାବରୁ ଉତ୍ପାଦନ ସମୟରେ ଚାଷୀମାନେ କମ୍ ମୂଲ୍ୟରେ ପନିପରିବା ବିକ୍ରି କରି କ୍ଷତି ସହିଥାନ୍ତି। ଚାଷୀମାନଙ୍କ ଦୀର୍ଘଦିନର ଦାବି ପୂରଣ ପରେ ଏହି ଶୀତଳ ଭଣ୍ଡାରଟି ନିର୍ମାଣ କରାଯାଇଥିଲା। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ୨୦୨୧ ଡିସେମ୍ବର ୧୫ରେ ଉକ୍ତ ମିନି ଶୀତଳଭଣ୍ଡାରକୁ ଉଦ୍‌ଘାଟନ କରିଥିଲେ। ୩୦ମେଟ୍ରିକ୍ ଟନ୍ ପନିପରିବା ରଖିବାର କ୍ଷମତା ଥିବା ଏହି ଶୀତଳ ଭଣ୍ଡାର ୨୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା। ଧର୍ମଶାଳା ବ୍ଲକ୍‌ରେ ଏହା ପ୍ରଥମ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟ ପଞ୍ଚାୟତରେ ମଧ୍ୟଏପରି ଶୀତଳ ଭଣ୍ଡାର ନିର୍ମାଣ କରାଯିବ ବୋଲି ବିଧାୟକ ବଳବନ୍ତରାୟ ସୂଚନା ଦେଇଥିଲେ। ଚାଷୀମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଶୀତଳ ଭଣ୍ଡାର ପରିଚାଳନା କରାଯିବ ବୋଲି ଆୟୋଜିତ ଉତ୍ସବରେ ଅତିଥିମାନେ କହିଥିଲେ। ହେଲେ ବ୍ଲକ୍‌ର ଏକମାତ୍ର ଶୀତଳ ଭଣ୍ଡାରକୁ ଗୋଟିଏ ଦିନ ମଧ୍ୟ କାର୍ଯ୍ୟକ୍ଷମ କରାଯାଇ ନ ଥିବା ବେଳେ ଅନ୍ୟ କୌଣସି ପଞ୍ଚାୟତରେ ଦେଢ଼ବର୍ଷ ମଧ୍ୟରେ ବି ଆଉଏ ଗୋଟିଏ ଶୀତଳ ଭଣ୍ଡାର ହୋଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ଶୀତଳ ଭଣ୍ଡାରକୁ କାର୍ଯ୍ୟକ୍ଷମ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# ହସ୍ତତନ୍ତ, ହସ୍ତଶିଳ୍ପ କର୍ମଶାଳା ବୁଲିଲେ ସେରିଫେଡ୍ ପରିଚାଳନା ନିର୍ଦ୍ଦେଶକ

ରସୁଲପୁର,୧୨।୪(ଡି.ଏନ.ଏ.)

### କାରିଗର, ବୁଣାକାରମାନଙ୍କ ସମସ୍ୟାକୁ ନେଇ ଆଲୋଚନା


ସେରିଫେଡ୍ ପରିଚାଳନା ନିର୍ଦ୍ଦେଶକ ବୁଣାକାରମାନଙ୍କ ସହ ଆଲୋଚନା କରୁଛନ୍ତି।

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗ୍ରାମରେ ଓଡିଶା ରାଜ୍ୟ ଟସର ଓ ରେଶମ ଶିଳ୍ପ ମହାସଂଘ (ସେରିଫେଡ), ବୁଣାକାରମାନଙ୍କ ଉତ୍ପାଦିତ ଦ୍ରବ୍ୟ କାରବାର ସଂସ୍ଥା 'ଉତ୍କଳିକା'ର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ହସ୍ତତନ୍ତ ଓ ହସ୍ତଶିଳ୍ପ ଉତ୍ପାଦନ କାରଖାନାଗୁଡିକୁ ବୁଲି ଦେଖିଥିଲେ। କର୍ମଶାଳାରେ କାରିଗର ଓ ବୁଣାକାରମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ତାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଟସର ବସ୍ତ୍ର ପାଇଁ ପ୍ରସିଦ୍ଧିଲାଭ କରିଥିବା ଗୋପାଳପୁର ଗାଁରେ ୧୭ ସମିତି ଅଧୀନରେ ୧୫୦୦ରୁ ଉର୍ଦ୍ଧ୍ୱ ବୁଣାକାର ପରିବାରର କୌଳିକ ବୃତ୍ତି ଲୁଗା ବୁଣିବା। ଉତ୍ପାଦିତ ଦ୍ରବ୍ୟ ବିକ୍ରୀ ଲାଭାଂଶରୁ ପରିବାର ପ୍ରତିପୋଷଣ କରୁଥିବା ବୁଣାକାରମାନଙ୍କୁ କଞ୍ଚାମାଲ ଟସର କୋଷା ମିଳୁ ନ ଥିବାରୁ ବୁଣାବୁଣି କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତୁରନ୍ତ ବୁଣାକାରମାନଙ୍କୁ କଞ୍ଚାମାଲ ଯୋଗାଇ ଦେବାକୁ ବୁଣାକାର ନେତା ରମେଶ ଦାସ, ଅଶୋକ କୁମାର ଗୁଇଁ, ମକରଧ୍ୱଜ ଗୁଇଁ ଦାବି କରିଥିଲେ। ବୁଣାକାରମମାନଙ୍କୁ କାରିଗର ଭତ୍ତା ପ୍ରଦାନ, ସୌରଚାଳିତ ଆଲୋକ ବ୍ୟବସ୍ଥା, କର୍ମଶାଳା ଗୁଡିକୁ ସୌରଚାଳିତ ବିଦ୍ୟୁତ୍ ଯୋଗାଣ, ଘର ଛାତ ଉପରେ କର୍ମଶାଳା ନିର୍ମାଣ ପାଇଁ ଅନୁମତି, ଗାଁରେ ସ୍ୱତନ୍ତ୍ର କର୍ମଶାଳା ଗୃହ ସ୍ଥାପନ, ଦକ୍ଷତା ବୃଦ୍ଧି ଶିବିରାର୍ଥୀମାନଙ୍କ ଆର୍ଥିକ ସହାୟତା ରାଶିକୁ ୩ ଶହ ଟଙ୍କାକୁ ବୃଦ୍ଧି, ସମିତିମାନଙ୍କ ପାଖରେ ଗଚ୍ଛିତ ରହୁଥିବା ସାମଗ୍ରୀର କାରବାରକୁ ୩ମାସରେ ଥରେ ସମୀକ୍ଷା କରିବା ଭଳି ବହୁ ସମସ୍ୟା ସମ୍ପର୍କରେ ପ୍ରତିନିଧି ଦଳଙ୍କ ନିକଟରେ ଉପସ୍ଥାପନା କରାଯାଇଥିଲା। ଉକ୍ତ ସମସ୍ୟା ସମ୍ପର୍କରେ ସରକାର ଅବଗତ ଅଛନ୍ତି। ତା'ର ସମାଧାନ ବାଟ ବାହାର କରିବା ପାଇଁ ଆଲୋଚନା ଜାରି ରହିଛି। ସୁକିନ୍ଦା ଟସର ଚାଷରୁ ଉତ୍ପାଦିତ କୋଷା ଚିହ୍ନଟ ହୋଇଛି। ଉକ୍ତ କୋଷାକୁ ଗୋପାଳପୁର ବୁଣାକାରମାନଙ୍କୁ ପ୍ରଦାନ କରାଯିବ ବୋଲି ଉପନିର୍ଦ୍ଦେଶକ ମହାନ୍ତି ବୁଣାକାରମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରିଚାଳନା ନିର୍ଦ୍ଦେଶକ ପଟେଲଙ୍କ ନେତୃତ୍ୱରେ କଟକ ବୟନ ମଣ୍ଡଳ ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ଯାଜପୁର ଜିଲା ହସ୍ତଶିଳ୍ପ ବିଭାଗ ସହକାରୀ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି, ବୟନ ତତ୍ତ୍ୱାବଧାରକ ପ୍ରକାଶ ପାତ୍ର, ବୟନ ନିରୀକ୍ଷକ ତାରିଣୀ ଛାଟୋଇ ଓ ଦୁଷ୍ମନ୍ତ ପାତ୍ର, ବୈଷୟିକ ସହାୟକ ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଗୋପାଳପୁର ଗାଁର ପ୍ରମୁଖ ବୁଣାକାର ସଂସ୍ଥା ମା'ତାରିଣୀ, ଶ୍ରୀ ବିଷ୍ଣୁ, ହିଙ୍ଗୁଳା ତନ୍ତୁବାୟ ସହଯୋଗ ସମିତିର କର୍ମଶାଳା ବୁଲି ଦେଖିଥିଲେ। ଏଥିସହ ପ୍ରତିନିଧି ଦଳ ପକ୍ଷରୁ ଟାଏ ଆଣ୍ଡ ଡାଏ, ଜାକଡ ଆଦି ତାଲିମ କେନ୍ଦ୍ରଗୁଡ଼ିକୁ ଉଦ୍‌ଘାଟନ କରିବା ସହ ତାଲିମପ୍ରାପ୍ତ କାରିଗରମାନଙ୍କ ପାଇଁ ସରକାରୀ ସହାୟତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଟେରାକୋଟା ଶିଳ୍ପୀ ପର୍ଶୁରାମ ବେହେରାଙ୍କ ମା'ବାଲୁତରାଣୀ, ବାଉଁଶ କାରିଗର ସୁରେଶ ଗୁଇଁଙ୍କ ବାଉଁଶ ହସ୍ତଶିଳ୍ପ ତାଲିମ କେନ୍ଦ୍ର ବୁଲି ଦେଖିଥିଲେ।

**ବ୍ଲକ ଆମ୍ବ୍ରା ଅଧକ୍ଷଙ୍କ ମାତୃ ବିୟୋଗ**

ଡେରାବିଶ, (ସ୍ୱ.ପ୍ର.): ଡେରାବିଶ ବ୍ଲକ ଆମ୍ବ୍ରା ଆଧକ୍ଷ ତଥା ବ୍ଲକର ପୂର୍ବତନ ଉପାଧକ୍ଷ ଗଣେଶ୍ୱର ବେହେରାଙ୍କ ମା’ ଗଭା ବେହେରା (୭୬)ଙ୍କ ବୁଧବାର ଅପରାହ୍ନରେ ବିୟୋଗ ହୋଇଛି। ଦୀର୍ଘଦିନ ଧରି ଅସୁସ୍ଥ ଥିବା ଗଭା ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଓଲଡ଼ି ସ୍ଥିତ ବାସଭବନରେ ରହି ଚିକିତ୍ସିତ ହେଉଥିଲେ। ଗଭା ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମପ୍ରାଣା ମହିଳା ଥିଲେ। ଖବରପାଇ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ପ୍ରାଧାପକ ଅଜୟ ରାଉତ ପ୍ରମୁଖ ଗଭାଙ୍କ ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶୋକାକୂଳ ପରିବେଶରେ ତାଙ୍କ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ୨ପୁଅ ଓ ୩ ଝିଅ, ଜ୍ୱାଇଁ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ପୂର୍ବଶତ୍ରୁତାରୁ ଏସିଡ୍ ମାଡ଼: ୫ ଆହତ

ତିର୍ତ୍ତୋଲ,୧୨।୪ (ଡି.ଏନ.ଏ.): ତିର୍ତ୍ତୋଲ ଥାନାଠାରୁ ମାତ୍ର ୩୦୦ ମିଟର ଦୂରରେ ବୁଧବାର ରାତିରେ ଏକ ଅଘଟଣ ଘଟିଛି। ପୂର୍ବଶତ୍ରୁତାରୁ ଜଣେ ମହିଳାଙ୍କ ଏସିଡ୍ ମାଡ଼ରେ ଗୋଟିଏ ପରିବାରର ୩ ଜଣଙ୍କ ସମେତ ୫ ଆହତ ହୋଇଛନ୍ତି। ସେମାନେ ହେଲେ ଏହି ଗ୍ରାମର ବିପିନ ପଣ୍ଡା,ତାଙ୍କ ସ୍ତ୍ରୀ ଏବଂ ଝିଅ। ଏଥିସହ ଏସିଡ୍ ଫିଙ୍ଗିଥିବା ମହିଳା ଏବଂ ତାଙ୍କର ଭଉଣୀ ମଧ ଆହତ ହୋଇଥିବା ସୂଚନା ମିଳିଛି। ଆହତମାନଙ୍କୁ ପ୍ରଥମେ ଚିକିତ୍ସା ନିମନ୍ତେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜଗତ୍ସିଂହପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏସମ୍ପର୍କରେ ଆଇଆଇସି ଯୁଗଳ କିଶୋର ଦାସଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି। ମାତ୍ର ଏପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି କହିଛନ୍ତି।

### ରାସ୍ତା ପାର୍ଶ୍ୱକୁ ଖସିଲା କାର୍: ୨ ଶିଶୁ ଆହତ

କୁଜଙ୍ଗ,୧୨।୪ (ଡି.ଏନ୍.ଏ.): କଟକରୁ ପାରାଦୀପ ଅଭିମୁଖେ ଆସୁଥିବା ଏକ କାର କୁଜଙ୍ଗ ଥାନା ଅନ୍ତର୍ଗତ ତାଳଦଣ୍ଡା ଚୌଧୁରୀଗଡା ନିକଟରେ ବୁଧବାର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଖସିଯାଇଛି। ଉକ୍ତ କାର୍‌ରେ ଜଣେ ପୁରୁଷ, ୩ ଜଣ ମହିଳାଙ୍କ ସମେତ ୧୪ ଦିନର ଓ ୧୦ ବର୍ଷର ୨ ଶିଶୁ ଥିଲେ। ସେମାନଙ୍କ ମଧ୍ୟରୁ ଉଭୟ ଶିଶୁଙ୍କ ସମେତ ପୁରୁଷ ବ୍ୟକ୍ତି ଜଣକ ଆହତ ହୋଇଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ କାର୍ ଭିତରେ ଯାତ୍ରୀମାନେ ଫସି ରହିଥିଲେ। ଏହି ସମୟରେ ଜଗତ୍ସିଂହପୁର ଅଭିମୁଖେ ଯାଉଥିବା ଡାକ୍ତର ସ୍ମୃତି ରଞ୍ଜନ ମହାପାତ୍ର ସେମାନଙ୍କୁ ଉଦ୍ଧାର କରି ନିଜ ଗାଡିରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବରପାଇ କୁଜଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ କାର୍‌କୁ ଜବତ କରିଛି। ଏ ସମ୍ପର୍କରେ କୌଣସି ଅଭିଯୋଗ ହୋଇ ନ ଥିବାରୁ କାରର ସହଯାତ୍ରୀଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ ବୋଲି ଥାନା ଅଧିକାରୀ ସୁଜିତ ପ୍ରଧାନ କହିଛନ୍ତି। ତେବେ ଆହତ ଶିଶୁ ଦ୍ୱୟଙ୍କ ଚିକିତ୍ସା ନିମନ୍ତେ କଟକ ନିଆଯାଇଥିବା ସେ ଖବର ପାଇଛନ୍ତି ବୋଲି କହିଛନ୍ତି।

### ବିଦ୍ୟୁତ୍ ଦୋକାନରୁ ୩ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

ରାଜକନିକା,୧୨।୪(ଡି.ଏନ୍.ଏ): ରାଜକନିକା ସଦର ଥାନାଠାରୁ ମାତ୍ର ୨ଶହ ମିଟର ଦୂର କଣ୍ଟପଡ଼ା ବଜାରରେ ଥିବା ଏକ ବିଦ୍ୟୁତ୍ ଦୋକାନରେ ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦୋକାନ ଘର କାନ୍ଥ ଖୋଳି ଭିତର ପଟରେ ପଡ଼ିଥିବା ତାଲାକୁ କାଟି ଚୋରି କରିଛନ୍ତି। ଦୋକାନରେ ଥିବା ଓ୍ୟାର୍, ଫ୍ୟାନ୍, ଗ୍ରାଇଣ୍ଡର, ଏଲିଡ୍ ଟ୍ୟୁବ ଲାଇଟ୍ ଆଦି ଜିନିଷ ଚୋରି ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଅଧିକ ହେବ ବୋଲି ଦୋକାନୀ ମାଲିକ ଜଗନ୍ନାଥ ରାଉତ ଥାନାରେ ଅଭିଯୋଗ କରିଛନ୍ତି। ରାଉତଙ୍କ ଅଭିଯୋଗ ଅନୁଯାୟୀ, ବଜାରରେ ୧୨ବର୍ଷ ହେବ ଇଲେକ୍ଟ୍ରିକାଲ ଦୋକାନ କରିଛନ୍ତି। ୧୨ବର୍ଷ ମଧରେ ୩ ଥର ଚୋରି ହୋଇଥିଲେ ମଧ ଥରୁଟିଏ ବି ପୋଲିସ ଦୁର୍ବୃତ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ ଏବେ ୪ର୍ଥ ଥର ଚୋରିରେ ପୋଲିସ କେବେ ନ୍ୟାୟ ଦେବ ବୋଲି ସେ କହିଛନ୍ତି। ଏ ନେଇ ଥାନାରେ ନଂ. ../୨୩ରେ ମାମଲା ରୁଜୁ ହୋଇଛି।

# ଫାଇଲ୍ ତଳେ ୨ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ

କେନ୍ଦ୍ରାପଡ଼ା ଅଫିସ,୧୨।୪

- କାର୍ଯ୍ୟକାରୀ ଅପେକ୍ଷାରେ ସହରର ଡ୍ରେନେଜ୍ ସିଷ୍ଟମ ପ୍ଲାନ
- ବର୍ଷା ହେଲେ ସହରବାସୀ ହନ୍ତସନ୍ତ ହେଉଛନ୍ତି

କେନ୍ଦ୍ରାପଡ଼ା ପୌରାଞ୍ଚଳ ଡ୍ରେନେଜ ସିଷ୍ଟମର ପୁନରୁଦ୍ଧାର ଏକ ସମସ୍ୟା ଭାବେ ଉଭା ହୋଇଛି। ପୌରପାଳିକା ପକ୍ଷରୁ ଡ୍ରେନ୍ ସଫେଇକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଏ ନେଇ ରାଜ୍ୟ ସରକାରଙ୍କ ସହର ଉନ୍ନୟନ ବିଭାଗ ପକ୍ଷରୁ ୨ଟି ଡ୍ରେନେଜ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ ଫାଇଲ ତଳେ ଚାପି ହୋଇରହିଛି। ଆଗାମୀ ବର୍ଷାଋତୁ ପୂର୍ବରୁ ଏହି ପ୍ରକଳ୍ପ ଶେଷ ନ ହେଲେ କେନ୍ଦ୍ରାପଡ଼ା ସହରର ଅର୍ଦ୍ଧାଧିକ ସ୍ଥାନ ଜଳବନ୍ଦୀ ହେବା ଆଶଙ୍କା ଦେଖାଦେଇଛି। ତୁରନ୍ତ ଏହି ୨ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସହରବାସୀ ମତ ଦେଇଛନ୍ତି। ୨୦୧୭ ମସିହାରେ ରାଜ୍ୟ ସ୍ୱରେଜ ବୋର୍ଡ ଓ ଟିସିଆଇ କନସୁଲେଟିଂ ଇଞ୍ଜିନିୟର୍ସ ସଂସ୍ଥା ପକ୍ଷରୁ ସହରର ଜଳ ନିଷ୍କାସନ ସହ ଏକ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଥିଲା। ଏହି ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଇନ୍ଦୁପୁର ଅଞ୍ଚଳରେ ପ୍ରତିଷ୍ଠା ହେବାକୁ ଥିଲା। ସେହିପରି ନଗର ଉନ୍ନୟନ ବିଭାଗ ପକ୍ଷରୁ ଡ୍ରେନେଜ ବିଭାଗ ସହାୟତାରେ ୧୯ କୋଟି ୪୭ ଲକ୍ଷ ଟଙ୍କାର ଦ୍ୱିତୀୟ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତ ହୋଇଛି। ତେବେ ଏହି ୨ ପ୍ରକଳ୍ପ କାର୍ଯ୍ୟକାରୀରେ ବହୁ ବିଳମ୍ବ ହେଲାଣି।

ଏ ସମ୍ପର୍କରେ ସହରର ମନୋଜ କୁମାର ସିଂହ କହିଛନ୍ତି, ପ୍ରଥମ ଡ୍ରେନେଜ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ପାଇଁ ତତ୍କାଳୀନ ପୌର ପରିଷଦ ଉଦ୍ୟମ କରିଥିଲା। ଯୋଜନା ଅନୁଯାୟୀ, ସହରର ଡ୍ରେନ, ବର୍ଷାଜଳକୁ ଗୋବରୀ ନଦୀ ଓ କେନାଲକୁ ନ ଛାଡି ଏକ ସ୍ୱତନ୍ତ୍ର ଡ୍ରେନ୍ ମାଧ୍ୟମରେ ସହର ବାହାରେ ଏକ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ପ୍ଲାଣ୍ଟରେ ମଇଳା ପାଣିକୁ ବିଶୋଧନ କରାଯାଇ ଗୋବରୀ ନଦୀ ଓ କେନାଲକୁ ଛଡ଼ାଯିବ ବୋଲି ସ୍ଥିର ହୋଇଥିଲା। ଯାହାଦ୍ୱାରା ସହର ମଧ ଦେଇ ଯାଇଥିବା ନଦୀ ଓ କେନାଲ ଜଳ ପ୍ରଦୂଷଣ ମୁକ୍ତ ରହିବ। ଫକିରାବାଦର ମୀର ଅବୁ ଓବେଦା କହିଛନ୍ତି, ସାମାନ୍ୟ ବର୍ଷାରେ ସହରର ବିଭିନ୍ନ ଡ୍ରେନ ଉଚ୍ଛୁଳି ପଡୁଛି। ଫଳରେ ପାଣି ସହ ଡ୍ରେନ୍‌ରେ ଥିବା ଅଳିଆ ଆବର୍ଜନା ବାହାରକୁ ଆସି ସମସ୍ୟା ସୃଷ୍ଟି କରୁଛି। ଏହି ସମସ୍ୟା ଦୀର୍ଘଦିନ ଧରି ରହିଥିବା ସତ୍ତ୍ୱେ ଏହାର ସମାଧାନ ପାଇଁ ତତ୍ପରତା ନାହିଁ। ବର୍ଷାଋତୁ ପୂର୍ବରୁ ଏହାର ସମାଧାନ ହେଲେ ସହରବାସୀ ଉପକୃତ ହେବେ ବୋଲି ସେ ପ୍ରକାଶ କରିଛନ୍ତି। ୨୧ ନଂ. ୱାର୍ଡର ସାମାଜିକ କର୍ମୀ ଉମେଶ ଚନ୍ଦ୍ର ପାଢୀ କହିଛନ୍ତି, ବର୍ଷା ହେଲେ ସ୍ଥାନୀୟ ସହରବାସୀଙ୍କ ବିପତ୍ତି ବଢୁଛି। ୨୧ ନଂ. ୱାର୍ଡ ସହ ୧୨ ଓ ୧୩ ନଂ.ରେ ବର୍ଷାଜଳ ଭରି ରହୁଛି। ସହର ମଧ୍ୟରେ ଥିବା ଜଳପଥ ଓ ଡ୍ରେନଗୁଡ଼ିକ ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି। ଫଳରେ ବର୍ଷାଜଳ ସମଗ୍ର ସହର ମଧ୍ୟରେ ସହଜ ଜୀବନଯାତ୍ରାରେ ବାଧା ସୃଷ୍ଟି କରିଛି। ଜଳପଥ ଉପରେ ଗୃହ ନିର୍ମାଣ ପାଇଁ ଅନୁମତି ପ୍ରଦାନ ବନ୍ଦ ହେବା ସହ ଜବରଦଖଲକାରୀଙ୍କ ଉଚ୍ଛେଦ ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ ପୌରାଧ୍ୟକ୍ଷା ସରିତା ସାହୁଙ୍କୁ ପଚାରିବାରେ ଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ନିକଟରେ ସମୀକ୍ଷା ହୋଇଥିଲା। ଏଥିସହ ସହରବାସୀଙ୍କ ପାଇଁ ସୁସ୍ଥ ପରିବେଶ ଓ ଡ୍ରେନେଜ ସିଷ୍ଟମର ଉନ୍ନତୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ କାର୍ଯ୍ୟକାରୀ ପାଇଁ ଉଦ୍ୟମ ହୋଇଛି ବୋଲି ସେ କହିଛନ୍ତି।


ପ୍ରସ୍ତାବିତ ଗୋବରୀ ନଦୀ।

# ଗୋଟିଏ କୋଠରିରେ ୫ ଶ୍ରେଣୀର ଛାତ୍ରୀଛାତ୍ର

ପଟ୍ଟାମୁଣ୍ଡାଇ,୧୨।୪ (ସ୍ୱ.ପ୍ର.)

- ଖଡ଼ିଅଣ୍ଟା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା
- ୫ ଶ୍ରେଣୀ ପାଇଁ ୨ ଶିକ୍ଷୟିତ୍ରୀ
- ପାନୀୟ ଜଳର ବ୍ୟବସ୍ଥା ନାହିଁ

ସ୍କୁଲ୍ ରୂପାନ୍ତରୀକରଣ କରାଯାଉଛି, ଏଥିପାଇଁ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର, ଯେଉଁ ଉଦ୍ଦେଶ୍ୟ ରଖି ସରକାର ଏଭଳି ବ୍ୟବସ୍ଥା କରୁଛନ୍ତି ତାହାର ବାସ୍ତବତାକୁ ନେଇ ପ୍ରଶ୍ନ ଉଠିଛି। ଛାତ୍ରୀଛାତ୍ରଙ୍କ ଦୃଷ୍ଟିରେ ଦେଖିଲେ ପ୍ରାଥମିକ ବିଦ୍ୟାଳୟରେ ନାହିଁ ଆବଶ୍ୟକ ଶ୍ରେଣୀ ଗୃହ। ଗୋଟିଏ କୋଠରୀରେ ବସୁଛନ୍ତି ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର । କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ଗ୍ରାମରେ ଥିବା ଖଡିଅଣ୍ଟା ସରକାରୀ ପ୍ରାଥମିକ ବିଦ୍ୟାଳୟର ଏପରି ସମସ୍ୟା ଦେଖିବାକୁ ମିଳିଥିବା ଅଭିଯୋଗ ହୋଇଛି।

ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୭ ଜଣ ଛାତ୍ରୀଛାତ୍ର ଅଛନ୍ତି । ଏଥିପାଇଁ ୨ ଜଣ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି । ହେଲେ ପିଲାମାନେ ବସି ପାଠପଢ଼ିବା ପାଇଁ ଶ୍ରେଣୀଗୃହ ନାହିଁ। ପୂର୍ବରୁ ଶିକ୍ଷାନୁଷ୍ଠାନର ପାଖରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ପାଠପଢା ହେଉଥିଲା। ବର୍ତ୍ତମାନ ସେ ବାତ୍ୟା ଆଶ୍ରୟସ୍ଥଳୀ କୋଠାଟି ଭାଙ୍ଗିରୁଜି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଗୋଟିଏ ଶ୍ରେଣୀ ଗୃହରେ ବିଭିନ୍ନ ଶ୍ରେଣୀର ୪୭ ପିଲାଙ୍କୁ ୨ ଜଣ ଶିକ୍ଷୟିତ୍ରୀ କେମିତି ପାଠ ପଢ଼ାଉଥିବେ ତାହା ସହଜରେ ଅନୁମାନ କରି ହେଉଛି। କେବଳ ଏତିକିରେ ସ୍କୁଲ ସମସ୍ୟା ସରିନାହିଁ। ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ ବସି ଖାଇବାକୁ ମଧ ଜାଗା ନାହିଁ। ଖୋଲା ଆକାଶ ତଳେ ବସି ସେମାନେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ସ୍କୁଲ କମିଟି ସମ୍ପାଦକ ପ୍ରଶାନ୍ତ ଦାସ କୁହନ୍ତି, ସ୍କୁଲର ଶ୍ରେଣୀ ଗୃହ ନ ଥିବାରୁ ଠିକ୍ ଭାବେ ପାଠ ପଢ଼ା ହୋଇପାରୁ ନାହିଁ। ଜଣେ ଶିକ୍ଷକ ଗୋଟାଏ ଶ୍ରେଣୀ ପାଠ ପଢ଼ାଇ ସାରିବା ପରେ ଆଉ ଗୋଟାଏ ଶ୍ରେଣୀ ପାଠ ପଢ଼ାଉଛନ୍ତି । ବର୍ଷେ ତଳୁ ଏ ନେଇ ଅଭିଯୋଗପତ୍ର ମାଧ୍ୟମରେ ବିଇଓ ଓ ଡିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପାଠପଢ଼ାରେ ହେଉଥିବା ଅସୁବିଧା ଦୂର କରିବାକୁ ଦାବି କରାଯାଇଛି। ହେଲେ ଏଯାଏ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଖଡିଅଣ୍ଟା ଗ୍ରାମର ବୁଦ୍ଧିଜିବୀ ପ୍ରଭାକର ସେଠୀ, ସୁଶାନ୍ତ ସାମଲ, ଅଶୋକ ମହାନ୍ତି ପ୍ରମୁଖ କହିଛନ୍ତି ସ୍କୁଲ ଘର ନାହିଁ। ସରକାର ନୂଆ ଘର ତିଆରି କରୁ ନାହାନ୍ତି। ଗୋଟିଏ ଶ୍ରେଣୀ ଗୃହରେ ବସି ଛାତ୍ରୀଛାତ୍ର ପାଠ ପଢୁଥିବାରୁ ଭଲ ଭାବେ ଶିକ୍ଷାଦାନ ହୋଇ ପାରୁନାହିଁ। ଶିକ୍ଷାନୁଷ୍ଠାନରେ ପାଖରେ ଥିବା ବାତ୍ୟ ଆଶ୍ରୟସ୍ଥଳୀ କୋଠାଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଛାତରୁ ସିମେଣ୍ଟ ଖଣ୍ଡ ଖସୁଛି। ତେଣୁ ସେଠାରେ ପାଠପଢ଼ା ହେଉନାହିଁ। ଫଳରେ ଗୋଟିଏ କୋଠରିରେ ୫ ଶ୍ରେଣୀର ପିଲାମାନଙ୍କୁ ବସାଯାଇ ଶିକ୍ଷାଦାନ କରାଯାଉଛି। କେବଳ ଶ୍ରେଣୀଗୃହ ନୁହେଁ, ବିଦ୍ୟାଳୟ ଚାରିପାଖେ ପାଚେରି ନିର୍ମାଣ ହେଉନାହିଁ। ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନାହିଁ। ତେଣୁ ତୁରନ୍ତ ଜିଲା ଶିକ୍ଷା ଅଧିକାରୀ ଏହି ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମିରେ ସୁଧାର ଆଣନ୍ତୁ ବୋଲି ଦାବି ହୋଇଛି ।


ଖଡ଼ିଅଣ୍ଟା ସରକାରୀ ପ୍ରାଥମିକ ବିଦ୍ୟାଳୟ।

# ଖରାରେ ବିଦ୍ୟୁତ୍ କାଟକୁ ବିରୋଧ

ରଘୁନାଥପୁର,୧୨।୪ (ଡି.ଏନ୍.ଏ.)

ଏପ୍ରିଲ ମଧ୍ୟଭାଗରେ ରୌଦ୍ରତାପ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ପରିସ୍ଥିତିରେ ରଘୁନାଥପୁର ବ୍ଲକରେ ବାରମ୍ବାର ବିଦ୍ୟୁତ୍ କାଟ ହେବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମେଣ୍ଟେନାନ୍ସ ଆଳରେ ପ୍ରଚଣ୍ଡ ଖରା ସମୟରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଲାଇନ୍ କାଟିଦିଆଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲଗୁଡ଼ିକୁ ଆସନ୍ତା ସୋମବାର ଯାଏ ଛୁଟି କରିଦେଇଛନ୍ତି। ଏହାଛଡା କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଓ ଅପରାହ୍ନରେ କାମ କରିବା ପାଇଁ କୁହାଯାଇଛି। କିନ୍ତୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ କାଟ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଖରାରେ ଲାଇନ କାଟି ଶକ୍ତି ସଞ୍ଚୟ କରାଯାଉଥିବା ସମ୍ପର୍କରେ ଅଭିଯୋଗ ହେଉଛି। ବିଦ୍ୟୁତ୍ ବିଲ୍ ଆଦାୟ କରିବାକୁ ବିଭାଗୀୟ କର୍ମଚାରୀମାନେ ତତ୍ପରତା ପ୍ରକାଶ କରୁଥିବାବେଳେ ଆବଶ୍ୟକ ସମୟରେ ସେବା ଯୋଗାଇବାରେ ସେମାନେ ବିଫଳ ହେଉଛନ୍ତି ବୋଲି ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀଦିନରେ ଏହି ଅସନ୍ତୋଷ ଜନ ଆନ୍ଦୋଳନର ରୂପ ନେବ ବୋଲି ମହାରଣା କହିଛନ୍ତି।

ଏ ସମ୍ପର୍କରେ ଏସଡିଓ ବିଶ୍ୱରଞ୍ଜନ ଦେହୁରୀ କୁହନ୍ତି, ସମସ୍ତ ଲାଇନ୍‌ମ୍ୟାନଙ୍କୁ ଖରା ସମୟରେ ବିଦ୍ୟୁତ୍ କାଟ କରିବାକୁ ମନା କରାଯାଇଛି। ପୁନର୍ବାର ଯନ୍ତ୍ରୀଙ୍କ ସହ କର୍ମଚାରୀଙ୍କୁ ଏପରି ନ କରିବା ପାଇଁ ସେ ଜଣାଇବେ ବୋଲି କହିଛନ୍ତି।

# ଦୁର୍ଘଟଣା ଶୂନ୍ୟ କାରଖାନା ପରିଚାଳନା ପାଇଁ କର୍ମଶାଳା



ଶିବିରରେ ଯୋଗଦେଇଥିବା ଅତିଥିମାନେ।

ପାରାଦୀପ,୧୨।୪ (ସ୍ୱ.ପ୍ର.)

ପାରାଦୀପ ଫସ୍‌ଫେଟସ୍ ଲିମିଟେଡ (ପିପିଏଲ୍) ପରିସରରେ ବୁଧବାର ଶିଳ୍ପ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପିପିଏଲ୍ କମ୍ପାନୀ ଓ ରାଜ୍ୟ ସରକାରଙ୍କ କାରଖାନା ଓ ବାଷ୍ପିତ ବିଭାଗ ପକ୍ଷରୁ ମିଳିତ ଆୟୋଜନରେ ହୋଇଥିବା ଏହି ଶିବିରରେ ଇଫ୍‌କୋ, ଆଇଓସିଏଲ, ବିପିସିଏଲ, ଏଚ୍‌ପିସିଏଲ, ଗୋଆ କାର୍ବନ, ଆଦାନୀ ୱିଲମାର ଆଦି କମ୍ପାନୀର ପ୍ରତିନିଧିମାନେ ଯୋଗଦେଇଥିଲେ। ବାଷ୍ପିତ ବିଭାଗର ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡାଙ୍କ ଅଧକ୍ଷତାରେ ସମସ୍ତ ଶିଳ୍ପ ସଂସ୍ଥାର ସୁରକ୍ଷା ଅଧିକାରୀମାନେ ସେମାନଙ୍କ ସୁରକ୍ଷା ପଦ୍ଧତି ଉପରେ ଦର୍ଶାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଏଲ ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ, ଇଫକୋ ମୁଖ୍ୟ କେ.ଜେ ପଟେଲ, ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ, ଫାୟାର ସେଫ୍ଟି ବିଭାଗର ସାଧାରଣ ପରିଚାଳକ ବି.କେ. ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନିହାରକାନ୍ତି ରାଉତ ଧନ୍ୟବାଦ ଦେଇଥିଲେ।

# ଗଛ କାଟିନେଲେ ଦୁର୍ବୃତ୍ତ, ପ୍ରତିବାଦରେ ଗଣଧାରଣା

ରାଜକନିକା,୧୨।୪(ଡି.ଏନ.ଏ.)

ରାଜକନିକା ବ୍ଲକ ଅନ୍ତର୍ଗତ ସିକୋ ଗ୍ରାମରେ ରାସ୍ତା କଡ଼ରୁ ବେଆଇନ ଭାବେ ଏକାଧିକ ଗଛ କାଟିବାକୁ ନେଇ ଗାଁ ଲୋକେ ପ୍ରତିବାଦ କରି ବୁଧବାର କନିକା ତହସିଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଗଣଧାରଣା ଦେଇଛନ୍ତି। ଗାଁ ଲୋକଙ୍କ ଅଭିଯୋଗ ମୁତାବକ, ରାଜକନିକା ଅଞ୍ଚଳରେ ଦିନକୁ ଦିନ କାଠ ବ୍ୟବସାୟୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ସ୍ଥାନୀୟ ବନ ବିଭାଗ, ରାଜସ୍ୱ ନିରୀକ୍ଷକ ଓ କନିକା ତହସିଲ ପକ୍ଷରୁ ଏ ନେଇ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଉନାହିଁ। କିଛିଦିନ ପୂର୍ବରୁ ବରାଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ପଛ ପଟେ ଅନେକ ଗଛ କଟା ହୋଇ ପଡ଼ିଥିବା ଅଭିଯୋଗ ହୋଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏବେ ସିକୋ ଗ୍ରାମର ରାସ୍ତାକଡ଼ରୁ ଏକାଧିକ ଗଛ କାଟି ଦୁର୍ବୃତ୍ତମାନେ ନେଇଯାଇଥିବା ନେଇ ସ୍ଥାନୀୟ ଲୋକେ କନିକା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ଆଳରେ ତହସିଲଦାର ଚୁପ ବସିବାକୁ ବିରୋଧ କରି ଗ୍ରାମର ଲୋକେ ଗଣଧାରଣା ଦେଇଛନ୍ତି। ଏହି ଧାରଣାକୁ ସମର୍ଥନ ଜଣାଇ ରାଜକନିକା ଭାଜପା ପକ୍ଷରୁ ଧରଣାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଏ ନେଇ କନିକା ତହସିଲଦାର ଅଶୋକ ଦେହୁରିଙ୍କୁ ପଚାରିବାରେ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ପରିବେଶବିତ୍ ପ୍ରଫୁଲ୍ଲ ଦାସ, ସୁକାନ୍ତ ଦାସ, ବିଧାନ ଦାସ, ସବିତା ବରଜ, ସୁଜିତ ବେହୁରା, ବିନୋଦ ନାୟକ, ବିକାଶ ନାୟକ ପ୍ରମୁଖ ଏହାର ତଦନ୍ତ କରି ଗଛ କାଟିଥିବା ଦୁର୍ବୃତ୍ତମାନଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।



କନିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସିକୋ ଗ୍ରାମର ଲୋକେ ଧାରଣା ଦେଇଛନ୍ତି।

# ଲୋକ ଉତ୍ସବ ମହକରେ ୨ ପ୍ରତିଭା ସମ୍ବର୍ଦ୍ଧିତ


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

ରାଜକନିକା,୧୨।୪(ଡି.ଏନ.ଏ.)

ରାଜକନିକା ବ୍ଲକ କାଟଣା ବଣିଆଁ ପଞ୍ଚାୟତ ଝାଡ଼ମାଳ ଗାଁର ମହାବୀର କ୍ଲବ ଆନୁକୂଲ୍ୟରେ ପଞ୍ଚଦଶ ବାର୍ଷିକ ଲୋକ ଉତ୍ସବ ମହକ ଅବସରରେ ମଙ୍ଗଳବାର ୨ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସାମ୍ବାଦିକତା ଉତ୍କର୍ଷତା ପାଇଁ ସୁକାନ୍ତ କୁମାର ଦାଶଙ୍କୁ ‘ସାମ୍ବାଦିକ ଗୌରବ’ ଏବଂ ପରିବେଶବିତ୍ ଶିକ୍ଷାବିତ୍ ଗୋପୀନାଥ ଦାଶଙ୍କୁ ସବୁଜ ସ୍ରଷ୍ଟା ସମ୍ମାନରେ ସମ୍ମାନିତ କରାଯାଇଛି। କ୍ଲବର ସଭାପତି ଦୁଷ୍ମନ୍ତ ନାୟକ, ସମ୍ପାଦକ ସୁବ୍ରତ ନାୟକ, ଉପସଭାପତି ବିଜ୍ଞାନ ପ୍ରଧାନ, ଚେୟାରମ୍ୟାନ ଶିଶିର ନାୟକ ଓ ଉପଦେଷ୍ଟା ଦିଗମ୍ବର ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ସୁଧା ପତ୍ରିକାର ସମ୍ପାଦକ ହରେକୃଷ୍ଣ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧାପକ ଶାନ୍ତନୁ କୁମାର ମହାନ୍ତି ଓ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଫୁଲ୍ଲ ଦାସ, ଅନ୍ୟତମ ଅତିଥି ଭାବେ ଶିକ୍ଷକ ନାରାୟଣ ବେହେରା ଓ ବସନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ଗାରିମାମୟ ଗାଁର ପରବ ଲୋକ ଉତ୍ସବକୁ ପ୍ରଶଂସା କରିଥିଲେ।

# ଅଂଶୁଘାତ ମୁକାବିଲା ପାଇଁ ସ୍ୱତନ୍ତ୍ର କକ୍ଷ ଖୋଲିଲାନି

ମହାକାଳପଡ଼ା,୧୨।୪ (ଡି.ଏନ୍.ଏ.)

- ଦିନକ ପରେ ମା’ ରାମଚଣ୍ଡୀଙ୍କ ପୀଠରେ ଝାମୁଯାତ୍ରା
- ସମାଗମ ହେବେ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁ
- ମୌଳିକ ସମସ୍ୟାର ସମାଧାନ କରାଗଲାନି

କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ଶକ୍ତିପୀଠ ମା’ ରାମଚଣ୍ଡୀ ମନ୍ଦିରରେ ଦିନକ ପରେ ଝାମୁଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ମା’ଙ୍କ ପୀଠ ପରିସରରେ ରାଜ୍ୟ ଓ ରାଜ୍ୟ ବାହାରୁ ବ୍ୟବସାୟୀମାନେ ଆସି ଭଳିକିଭଳି ଦୋକାନ ପସରା ମେଲାଇଲେଣି। ଏହି ଝାମୁଯାତ୍ରାରେ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ପ୍ରଶାସନ ମୌଳିକ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛି ବୋଲି ମା’ ରାମଚଣ୍ଡୀ ଆଞ୍ଚଳିକ ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ ଓ ସେନା ପ୍ରମୁଖ ବିରଞ୍ଚି ନାରାୟଣ ଦାସ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପାଣିପାଗ ବିଭାଗ ପୂର୍ବାନୁମାନ ସୂଚନା ଅନୁସାରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ନିଆଁ ବର୍ଷିବ। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ଓ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଓ ଅଂଶୁଘାତ ମୁକାବିଲା ପାଇଁ ସ୍ୱତନ୍ତ୍ର ଚିକିତ୍ସା କକ୍ଷ ଖୋଲାଯାଇ ନାହିଁ।

ପୂର୍ବବର୍ଷ ଝାମୁଯାତ୍ରାରେ ପ୍ରବଳ ଟାଣଖରା ଓ ଭିଡ଼ ମଧ୍ୟରେ ମାନସିକଧାରୀ ପାଟୁଆଙ୍କ ସମେତ ୫ ଜଣ ଶ୍ରଦ୍ଧାଳୁ ଅଣନିଃଶ୍ୱାସୀ ହୋଇ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଅସ୍ଥାୟୀ ଚିକିତ୍ସା କକ୍ଷ ବ୍ୟବସ୍ଥା ନ ଥିବାରୁ ରୋଗୀମାନଙ୍କୁ ମନ୍ଦିର ପରିସରରେ ଥିବା ବାରଣ୍ଡାରେ ହାତରେ ସାଲାଇନ ବୋତଲ ଧରି ଚିକିତ୍ସା କରାଯାଇଥିଲା। ଶକ୍ତିପୀଠ ଝାମୁଯାତ୍ରାରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ହେବା ସମ୍ଭାବନା ଥିବାରୁ ମନ୍ଦିର ପରିଚାଳନା ଟ୍ରଷ୍ଟ ଧନ ଜୀବନ ଓ ଦୋକାନୀମାନଙ୍କ ସୁରକ୍ଷା ପାଇଁ ଅଗ୍ନି ନିରାପତ୍ତା ଜରୁରୀ ବୋଲି ଭୁଲିଯାଇଛି। ଏହି ଝାମୁଯାତ୍ରାରେ ଯଦିଓ କିଛି ଅଭାବନୀୟ ଘଟଣା ଘଟେ, ଏଥିପାଇଁ ଦାୟୀ କିଏ ରହିବ ବୋଲି ସ୍ଥାନୀୟ ବୁଦ୍ଧିଜିବୀ କ୍ଷୋଭ ପ୍ରକାଶ କରିଛନ୍ତି। ଅଦ୍ୟାବଧି ମନ୍ଦିର ପରିଚାଳନା କମିଟି ଓ ପ୍ରଶାସନ ପକ୍ଷରୁ ଅଗ୍ନି ନିରାପତ୍ତା ପାଇଁ ବିଧିବଦ୍ଧ ଲିଖିତ ଭାବେ ନିକଟ ମହାକାଳପଡ଼ା ଅଗ୍ନିଶମ ବାହିନୀ ଅଧିକାରୀଙ୍କୁ ଅବଗତ କରାଯାଇନାହିଁ ବୋଲି ଅଧିକାରୀ ଶିଶିର କୁମାର ଦାସ କହିଛନ୍ତି। ୨୦୧୯ରେ ଝାମୁଯାତ୍ରା ପରିସରରେ ମଧ୍ୟାହ୍ନ ସମୟରେ ଏକ ହୋଟେଲରେ ରୋଷେଇ ହେଉଥିବା ବେଳେ ଏକ ଗ୍ୟାସ୍ ସିଲିଣ୍ଡର ଲିକେଜ ହେବା ଯୋଗୁ ଅସ୍ଥାୟୀ ଦୋକାନରେ ନିଆଁ ଲାଗି ଜଳି ଯାଇଥିଲା। ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ମୃତ୍ୟୁମୁଖରୁ ସ୍ଥାନୀୟ ଯାତ୍ରୀ ଓ ବ୍ୟବସାୟୀମାନେ ବର୍ତ୍ତି ଯାଇଥିଲେ। ମା’ଙ୍କ ଝାମୁଯାତ୍ରା ଦେଖିବା ପାଇଁ ଦୂରଦୂରାନ୍ତରୁ ଆସୁଥିବା ମହିଳା ଶ୍ରଦ୍ଧାଳୁମାନଙ୍କ ପାଇଁ ଅସ୍ଥାୟୀ ଶୌଚାଳୟ ନିର୍ମାଣ ହେଲାନାହିଁ। ଅନ୍ୟପକ୍ଷରେ ପୋଖରୀରେ ମଧ ପାଣି ପଶିଲା ନାହିଁ। ଏ ନେଇ ମନ୍ଦିର ଟ୍ରଷ୍ଟି ଓ ସ୍ଥାନୀୟ ପ୍ରଶାସନର ନିଦ ଭାଙ୍ଗୁନାହିଁ ବୋଲି ଅଭିଯୋଗ ହେଉଛି। ସୂଚନା ଅନୁସାରେ, ଝାମୁଯାତ୍ରା ଦିନ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବାଲୁକାରେ ନିର୍ମିତ ମା’ ରାମଚଣ୍ଡୀଙ୍କ ପ୍ରତିମୂର୍ତ୍ତି ଏବଂ ମା’ ରାମଚଣ୍ଡୀଙ୍କ ଅଲୌକିକ କାହାଣୀ ଉପରେ ପର୍ଯ୍ୟବସିତ ଦରିଆରାଣୀ ପୁସ୍ତକକୁ ଉନ୍ମୋଚନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସେନା ପକ୍ଷରୁ ସୂଚନା ମିଳିଛି। ଏହି ଝାମୁଯାତ୍ରା ଅବ୍ୟବସ୍ଥା ନେଇ କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜଙ୍କୁ ଅବଗତ କରାଯାଇଛି। ଜିଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି।


ମା’ ରାମଚଣ୍ଡୀ ପୀଠରେ ଝାମୁଯାତ୍ରା ଉପଲକ୍ଷେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀମାନେ ଦୋକାନ ପକାଇଛନ୍ତି।

## ସଂକ୍ଷେପରେ

### ନାଟ୍ୟକାରଙ୍କ ଜୟନ୍ତୀ

ନୟାଗଡ଼ ଅଫିସ,୧୨।୪ : ନାଟ୍ୟକାର ତଥା ନୟାଗଡ଼ ମାଟିର ଗର୍ବ ଓ ଗୌରବ ନାଟ୍ୟରଥି ଗୋବିନ୍ଦ ଶୂରଦେଓଙ୍କ ୧୩୯ତମ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ, ମୈତ୍ରୀ ଯୁବ ସଂସଦ ମିଳିତ ଆନୁକୁଲ୍ୟରେ ନୟାଗଡ଼ଠାରେ ବୁଧବାର ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଲକ୍ଷ୍ମୀଧର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ ନାୟକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅଧାପକ ଗୋବିନ୍ଦ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ପ୍ରଦୀପ୍ତ ପଟ୍ଟନାୟକ, ସାହିତ୍ୟକ ନିର୍ମଳ ଶୂରଦେଓ, ସଦାନନ୍ଦ ସାହିତ୍ୟ ପରିଷଦ ସମ୍ପାଦକ ପ୍ରଶାନ୍ତ ଦାଶ, କବି ଅଶୋକ ମଲ୍ଲ ଏବଂ ଯୁବ ମୈତ୍ରୀ ସଂସଦ ସମ୍ପାଦକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଗୋବିନ୍ଦ ଶୂରଦେଓ ନାଟକ ରଚନା ସହ ଚିତ୍ରସଜ୍ଜା, ମଞ୍ଚସଜ୍ଜା, ନାଟ୍ୟ ନିର୍ଦ୍ଦେଶନା, ଗୀତିକାର, ସଙ୍ଗୀତ ସଂଯୋଜନା, କଣ୍ଠଦାନ, ଅଭିନୟ ତଥା ଅଭିନେତାମାନଙ୍କର ବେଶସଜ୍ଜା ଉପରେ ଟିପଣି ରଖିଥିଲେ। ସେହିପରି ରାସଲୀଳାକୁ ଅତ୍ୟାଧୁନିକ ନାଟ୍ୟରୂପ ଦେବାରେ ନାଟ୍ୟରଥି ଗୋବିନ୍ଦ ହିଁ ଓଡ଼ିଶାରେ ପ୍ରଥମ ଥିଲେ। ଏପରି ଜଣେ ବହୁମୁଖୀ ପ୍ରତିଭା ଯେ କେବଳ ନାଟ୍ୟ ଜଗତରେ ପ୍ରସିଦ୍ଧି ଲାଭ କରିଥିଲେ ତା' ନୁହେଁ ଓଡ଼ିଶାର ଜାତୀୟ ଆନ୍ଦୋଳନରେ ଭାଗ ନେଇ ରଚନା କରିଥିଲେ ଅନେକ ଦେଶାତ୍ମବୋଧ ସଙ୍ଗୀତ। ଏପରିକି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସ୍ୱର୍ଗତ ଶୂରଦେଓଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ କବିତା ପାଠ କାର୍ଯ୍ୟକ୍ରମରେ ଅଧାପିକା ନିଳୀମା ନନ୍ଦ, ହରପ୍ରିୟା ଦ୍ୱିବେଦୀ ଏବଂ ଗୋପୀନାଥ ସେଠ ସଂଯୋଜନା କରିଥିଲେ।

### ଖେଳ ଦେଖିବା ପରେ ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ଭାପୁର, ୧୨।୪(ଡି.ଏନ.ଏ.): ଫତେଗଡ ଥାନା ଅନ୍ତର୍ଗତ ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ରାମପଡ଼ା ଗାଁରେ ଜଣେ ଯୁବକଙ୍କ ହୃଦ୍‌ଘାତରେ ମୃତ ଘଟିଛି। ସେ ହେଲେ ଗତିନ ପଲେଇଙ୍କ ଏକମାତ୍ର ପୁତ୍ର କାର୍ତ୍ତିକ(୨୩)। ମଙ୍ଗଳବାର ଆଇପିଏଲ କ୍ରିକେଟ ମ୍ୟାଚ୍ ମୁମ୍ବାଇ ସହ ଦିଲ୍ଲୀ ମଧ୍ୟରେ ମ୍ୟାଚ ଚାଲିଥିଲା। କାର୍ତ୍ତିକ ପଲେଇ ସାଙ୍ଗମାନଙ୍କ ସହ ମୋବାଇଲରେ କ୍ରିକେଟ ମ୍ୟାଚ୍ ଦେଖୁଥିଲେ। ସେ ମୁମ୍ବାଇର ଫ୍ୟାନ୍ ହୋଇଥିବାରୁ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଶେଷ ବଲରେ ବିଜୟୀ ହେବା ପରେ ଖୁସିରେ ଉତ୍‌ଫୁଲିତ ହୋଇ ନାଚି ଉଠିଥିଲେ। ପରେ ଘରକୁ ଶୋଇବା ପାଇଁ ଯାଇଥିଲେ। ଗତିନ ପଲେଇ ରାମନବମୀଠାରୁ ଗ୍ରାମରେ ଚାଲିଥିବା ରାମାୟଣ ବହି ପଢ଼ା ହେଉଥିବାରୁ ପାଳିଧରି ବିଳମ୍ବିତ ରାତିରେ ଘରକୁ ଫେରି ଖାଇ ପିଇ ଶୋଇଥିଲେ। ରାତିରେ କାର୍ତ୍ତିକ ଛାତିରେ ଯନ୍ତ୍ରଣା ହେବାରୁ ଘର ଲୋକଙ୍କୁ ଡାକି ଥିଲେ। ବାପା ଗତି ଓ ମାତା ଚାରି ପଲେଇ ଗ୍ରାମର କେତେଜଣ ଯୁବକଙ୍କୁ ଡାକି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ କାର୍ତ୍ତିକ ଗ୍ରାମରେ କାଠ ମିସ୍ତ୍ରୀ ଭାବେ କାମ କରୁଥିଲେ।

# ନୟାଗଡ଼ ପୋଷ୍ଟାଲ ଡିଭିଜନରେ ନକଲି ସାର୍ଟିଫିକେଟ

- ସନ୍ଦେହରେ ୧୪ ଡାକ ସେବକ ଆବେଦନକାରୀ
- ଉତ୍ତରପ୍ରଦେଶ, ଝାଡଖଣ୍ଡର ସାର୍ଟିଫିକେଟରେ ଆବେଦନ ହୋଇଛି
- ଭେରିଫିକେଶନ ପୂର୍ବରୁ ଆବେଦନକାରୀ ଉଭାନ

ନୟାଗଡ଼ ଅଫିସ,୧୨।୪

ଡାକସେବକ ପଦବୀ ପାଇଁ ନକଲି ସାର୍ଟିଫିକେଟ ଦେଇ ପୋଷ୍ଟାଲ ଡିଭିଜନରେ ଚାକିରି କରିବା ଖବର ରାଜ୍ୟରେ ଝଡ଼ ସୃଷ୍ଟି କରିଛି। ଏଭଳିସ୍ଥଳେ ନୟାଗଡ଼ ପୋଷ୍ଟାଲ ଡିଭିଜନରେ ୧୪ ଡାକସେବକ ଆବେଦନକାରୀ ସନ୍ଦେହ ଘେରକୁ ଆସିବା ପରେ ଜାଲ ସାର୍ଟିଫିକେଟ ର୍‌ୟାକେଟର ଚେର ମଧ୍ୟ ଜିଲାକୁ ଲମ୍ବିଥିବା ଜଣାପଡ଼ିଛି। ଉତ୍ତରପ୍ରଦେଶ, ଝାଡଖଣ୍ଡର ସାର୍ଟିଫିକେଟରେ ଆବେଦନ ହୋଇଥିବା ପ୍ରାୟ ୧୪ ସାର୍ଟିଫିକେଟ ନକଲି ବୋଲି ସନ୍ଦେହ ପ୍ରକାଶ ପାଇଛି। ତେବେ ସମ୍ପୃକ୍ତ ଆବେଦନକାରୀ ଭେରିଫିକେଶନକୁ ନ ଆସି ଚାଲିଯିବା ଘଟଣା ସନ୍ଦେହକୁ ଘନୀଭୂତ କରିଛି। ସେପଟେ ନୟାଗଡ଼ ପୋଷ୍ଟାଲ ଡିଭିଜନ ପକ୍ଷରୁ ସାର୍ଟିଫିକେଟ ଯାଞ୍ଚକୁ କଡ଼ାକଡ଼ି କରାଯାଇ ୯ ଜଣଙ୍କୁ ନୂତନ ନିଯୁକ୍ତି ଦିଆଗଲାଣି। ଅବଶିଷ୍ଟ ଆବେଦନକାରୀଙ୍କ ଭେରିଫିକେଶନ ଶେଷ ପରେ ପୁଣି ନିଯୁକ୍ତି ମିଳିବ ବୋଲି ଜଣାପଡ଼ିଛି।

ନୟାଗଡ଼ ଜିଲାରେ ୪୦ଟି ଡାକସେବକ ପଦବୀ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ଆବେଦନକାରୀଙ୍କ ମଧ୍ୟରୁ ୨୬ଜଣ ରିପୋର୍ଟିଂ କରାଯାଇଥିଲା। ସାର୍ଟିଫିକେଟ ଭେରିଫିକେଶନରେ ୫ଜଣଙ୍କର ସାର୍ଟିଫିକେଟ ଉପରେ ସନ୍ଦେହ ଉପୁଜିଥିଲା। ଏଭଳିସ୍ଥଳେ ରାଜ୍ୟରେ ନକଲି ସାର୍ଟିଫିକେଟ କେଳେଙ୍କାରି ପଦାକୁ ଆସିଥିଲା। ପରବର୍ତ୍ତୀ ସମୟରେ ଏହା ୧୪ରେ ପହଞ୍ଚିଛି। ହେଲେ ସନ୍ଦେହ ଘେରରେ ଥିବା ଆବେଦନକାରୀ ଭେରିଫିକେଶନକୁ ଆସୁନାହାନ୍ତି। ଯେଉଁମାନଙ୍କର ୯୭ରୁ ୯୮ ପ୍ରତିଶତ ନମ୍ବର ରହିଥିଲା। ଏ ନେଇ ନୟାଗଡ଼ ପୋଷ୍ଟାଲ ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଖଗେଶ୍ୱର ମଲ୍ଲିକଙ୍କୁ ପଚାରିବାରେ ନୟାଗଡ଼ ଜିଲାରେ ୪୦ଟି ଡାକସେବକ ପଦବି ବାହାରିଥିଲା। ଏଥିରୁ ୨୬ଜଣ ଆବେଦନକାରୀ ସାର୍ଟିଫିକେଟ ଭେରିଫିକେଶନ ପାଇଁ ଆସିଥିଲେ। ଏଥିରୁ ୩ ଜଣଙ୍କର ବିଭିନ୍ନ କାରଣରୁ କଟି ଯାଇଥିଲା। ୨୩ ଜଣଙ୍କ ଭେରିଫିକେଶନ ହେବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ରାଜ୍ୟରେ ନକଲି ସାର୍ଟିଫିକେଟରେ ଚାକିରି ଘଟଣା ପ୍ରଚାରିତ ହେବା ପରେ ୫ଜଣ ଭେରିଫିକେଶନକୁ ଆସି ନ ଥିଲେ। ପରେ ଏମାନଙ୍କର ସଂଖ୍ୟା ବଢ଼ି ଯାଇଛି। ସେମାନଙ୍କର ଡିଟେଲ୍ କିଛି ନ ଥିବାରୁ କିଛି କରି ହେଲାନି। ବକେୟା ୧୪ ଟି ପଦବି ପାଇଁ ୨ୟ ଫେଜରେ ଯେଉଁମାନେ ମେରିଟରେ ଅଛନ୍ତି ସେମାନେ ପାଇବେ। ନକଲି ସାର୍ଟିଫିକେଟ ବାହାରିଲେ ତୁରନ୍ତ ଥାନାରେ ଏଫ୍ଆଇଆର ଦିଆଯିବ ବୋଲି ସେ କହିଛନ୍ତି।

### ପୁଣି ନକଲି ଶିକ୍ଷକ

ନୟାଗଡ଼ ବ୍ଲକର ଇଟାମାଟି ଓ କେସ୍ତୁପଡା ସ୍କୁଲରେ ଜାଲ ସାର୍ଟିଫିକେଟରେ ୨ ଜଣ ଶିକ୍ଷକ ଚାକିରି କରିଥିବା ଅଭିଯୋଗ ହୋଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ନୟାଗଡ଼ ବ୍ଲକର ଜଣେ ପୂର୍ବତନ ମହିଳା ଚେୟାରମ୍ୟାନଙ୍କର ଏମାନେ ଝିଆରୀ ଓ ଦିଅର ବୋଲି ଜଣାପଡିଛି। ଏମାନଙ୍କର ସାର୍ଟିଫିକେଟ ଜାଲ ହୋଇଥିଲେ ମଧ୍ୟ ଏମାନଙ୍କୁ ଜାଣିଶୁଣି ଅନୁକମ୍ପା ଦେଖା ଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକଙ୍କୁ ପଚାରିବାରୁ ଅଭିଯୋଗ ମିଳିନି। ଅଭିଯୋଗ ମିଳିଲେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ



ଲୋକମାନଙ୍କୁ ଯକ୍ଷ୍ମା ରୋଗ ସମ୍ପର୍କରେ ସଚେତନ କରାଯାଉଛି।

ନୟାଗଡ଼ ଅଫିସ,୧୨।୪

ନୟାଗଡ଼ ବ୍ଲକର କେନ୍ଦୁଡିପି ପଞ୍ଚାୟତରେ ଜନ ଆରୋଗ୍ୟ ସମିତି ଓ ସାମାଜିକ ସଙ୍ଗଠନ କ୍ୟାପ ସହଯୋଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ବୀରେନ କୁମାର ନାୟକ, ସମିତିସଭ୍ୟା ତିଲୋତମା ଗୁରୁ ଯୋଗଦେଇ ଯକ୍ଷ୍ମା ରୋଗର ସମ୍ପର୍କରେ ପରାମର୍ଶ ଦେବା ସହ ରୋଗୀ ନିୟମିତ ଔଷଧ ସେବନ କରିବାକୁ କହିଥିଲେ। ସମ୍ମାନିତ ଅତିଥି କ୍ୟାପ ଅନୁଷ୍ଠାନର ପ୍ରତିନିଧି ଟୁନା ମହାରଣା ଓ ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ କୁମାର ଦଳବେହେରା ଯୋଗଦେଇ ରୋଗର ଲକ୍ଷଣ ଓ ଏହାର ନିରିକରଣ ଉପରେ ଆଲୋଚନା କରିଥିଲେ। ଗ୍ରାମକୁ ଟିବି ମୁକ୍ତ ପଞ୍ଚାୟତ ଘୋଷଣା ପାଇଁ ଗାଁ ପରିବେଶକୁ ସଫା ସୁତୁରା ରଖିବା ଉପରେ ଗୁରୁତ୍ୱଆରୋପ କରାଯାଇଥିଲା। କମ୍ୟୁନିଟି ହେଲଥ ଅଫିସର ଅମ୍ରିତାରାଣୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନମ୍ବର ବିହୀନ ଜେସିବି, ଟ୍ରାକ୍ଟର ଦ୍ୱାରା ପୋଖରୀ ଖୋଳା





ଲୋକଙ୍କ ଜାଗାରେ ଜେସିବି, ଟ୍ରାକ୍ଟର ସାହାଯ୍ୟରେ ପୋଖରୀ ଖୋଳାଯାଉଛି। ପ୍ରାକ୍ତନ ଏମ୍‌ପି ପୂର୍ବତନ ରାଜେଶ୍ୱରୀ ସିଂ, ଅନ୍ୟମାନେ ବିଡିଓଙ୍କୁ ପୋଖରୀ ଖୋଳାକୁ ନେଇ ଅଭିଯୋଗ କରୁଛନ୍ତି।

ଓଡ଼ଗାଁ, ୧୨।୪(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବାଣ୍ତପୁର ପଞ୍ଚାୟତରେ ବେଆଇନ ଭାବେ ନମ୍ବର ବିହୀନ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ପୋଖରୀ ଖୋଳାଯାଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, କିଛିଦିନ ହେଲା ଏହି ପଞ୍ଚାୟତ କାର୍ଯ୍ୟାଳୟରୁ ନୂଆ ବନ୍ଧପଲ୍ଲୀ ଯିବା ରାସ୍ତାରେ କଂଶାଗାତ ପୋଖରୀକୁ ଶ୍ରମିକ ବଦଳରେ ମେଶିନ ଦ୍ୱାରା ଖୋଳାଯାଉଥିବା ଅଭିଯୋଗ ହୋଇଥିଲା। ଫଳରେ ପ୍ରାକ୍ତନ କନ୍ଧମାଳ ଏମ୍‌ପି ତଥା ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସହ ଏକ ପ୍ରତିନିଧି ଦଳ ବୁଧବାର ପୂର୍ବାହ୍ନରେ ସମ୍ପୃକ୍ତ ପୋଖରୀ ଖୋଳା ଅଞ୍ଚଳ ଗସ୍ତ କରିଥିଲେ। ଗସ୍ତ ସମୟରେ ସେଠାରେ ଗୋଟିଏ ନମ୍ବର ବିହୀନ ଜେସିବି ଓ ଟ୍ରାକ୍ଟର ପୋଖରୀ ଖୋଳୁଥିବା ଦେଖିବାକୁ ପାଇବା ପରେ ଏହାର ଚିତ୍ର ଉତ୍ତୋଳନ କରିଥିଲେ। ଏପରିକି ସେଠାରେ ଥିବା ସୂଚନା ଫଳକରେ ଭ୍ରମାତ୍ମକ ସୂଚନା ରହିଥିବା ସେମାନେ ଜାଣିବାକୁ ପାଇଥିଲେ। ଏଥିରେ କଂଶାଗାତ ପୋଖରୀ ଖୋଳିବାକୁ ୯ ଲକ୍ଷ ୮୫ ହଜାର ଟଙ୍କା ମଞ୍ଜୁରୀ ହୋଇଥିବା ବେଳେ ଏମ୍‌ଜିଏନ୍‌ଆର୍‌ଜିଏସ୍ ଯୋଜନାରୁ ଏହାର ବ୍ୟୟ ଅଟକଳ ହୋଇଥିବା ଉଲ୍ଲେଖ ରହିଛି। ସେହିପରି କାର୍ଯ୍ୟାରମ୍ଭ ୧୫।୩।୨୦୨୦ରହିଥିବା ବେଳେ କାର୍ଯ୍ୟାଶେଷ ତାରିଖ ଜାଗା ଖାଲି ପଡିଛି। ଏ ନେଇ ପ୍ରତିନିଧି ମଣ୍ଡଳୀ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରି ବିଫଳ ହେବାରେ ବିଡିଓଙ୍କ ସହିତ କଥା ହୋଇଥିଲେ। ବିଡିଓଙ୍କ କହିବା ଅନୁସାରେ, ମଧ୍ୟାହ୍ନରେ ଭାଜପା ନେତ୍ରୀ ସିଂ ବ୍ଲକ କାର୍ଯ୍ୟାଳୟରେ ଭେଟି ଏହାର ତଦନ୍ତ କରିବାକୁ ଦାବି କରିଥିଲେ। ହେଲେ ଲିଖିତ ଭାବେ ଜଣାଇଲେ ଏ ନେଇ ସେ ତଦନ୍ତ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ସେଠାରେ ଚାଲିଥିବା ପୋଖରୀ ଖୋଳା ଓ ଲାଗିଥିବା ସୂଚନା ଫଳକ ବହୁ ପୁରୁଣା ହୋଇଥିବା ବେଳେ ଉଭୟଙ୍କ କୌଣସି ସମ୍ପର୍କ ନ ଥିବା ଏବଂ ପଞ୍ଚାୟତ ଫଣ୍ଡରୁ ପୋଖରୀ ଖୋଳା ଚାଲିଥିବା ବେଳେ ଏ ନଇ କୌଣସି ମଷ୍ଟର ରୋଲ ଲିପିବଦ୍ଧ ହୋଇ ନ ଥିବା ବିଡିଓ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ତଥାପି ଲିଖିତ ଅଭିଯୋଗ ମିଳିଲେ ସେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ପ୍ରାକ୍ତନ ଏମ୍‌ପି ସିଂଙ୍କ ସହ ଭାଜପା ନେତା କୃପାସିନ୍ଧୁ ଗୌଡ, ଆରତି ଗୌଡ, ଦିଲୀପ ବେହେରା, ଅଖିଳ ବେହେରା, ସୁବାସ ପଟ୍ଟନାୟକ, ଶ୍ରୀନିବାସ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ବିଡିଓଙ୍କୁ ପୂର୍ବତନ ଏମ୍‌ପି ଭେଟି ତଦନ୍ତ ଦାବି କଲେ

# ଉପନିବନ୍ଧକ କାର୍ଯ୍ୟାଳୟ ନ ହେବାରୁ ଆନ୍ଦୋଳନ ଧମକ

ଭାପୁର,୧୨।୪(ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ଅଞ୍ଚଳରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଉପ–ନିବନ୍ଧକ କାର୍ଯ୍ୟାଳୟ ଖୋଲା ଯାଉ ନ ଥିବାରୁ ତାହାର ପ୍ରତିବାଦରେ ଭାପୁର କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନର ଚେତାବନୀ ଦେଇଛି। ପ୍ରଶାସନର ଏଭଳି ହୀନ ପକ୍ଷପାତିତାକୁ କେନ୍ଦ୍ର କରି ଭାପୁର ଅଞ୍ଚଳରେ ପ୍ରତିବାଦ ସୃଷ୍ଟି ହୋଇଛି। ବୁଧବାର ଏହି ପରିପ୍ରେକ୍ଷୀରେ ଭାପୁର କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନଙ୍କୁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ସ୍ଥାନୀୟ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଭେଟି ବିସ୍ତୃତ ଆଲୋଚନା କରିଥିଲେ। ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ସହ ବିଧାୟକ ପଟ୍ଟନାୟକ ଆଲୋଚନା କରି ଯଥାଶୀଘ୍ର ଉପ–ନିବନ୍ଧକ କାର୍ଯ୍ୟାଳୟ ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଯଥାକ୍ରମେ ଭାପୁର, ଶାଳପଡ଼ା ଓ ରାକମା ସଦରମହକୁମାରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଚାଲୁ କରିବା, ଭାପୁରରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜାଗା ଚିହ୍ନଟ କରିବା, ଭାପୁର ବିଦ୍ୟୁତ୍ ସବ୍ ଡିଭିଜନ କାର୍ଯ୍ୟାଳୟ ଖୋଲାଯିବା ସମ୍ପର୍କରେ ଉଦ୍ୟମ କରିବେ ବୋଲି ବୈଠକରେ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ପ୍ରଭାକର ସାହୁ, ଭାପୁର ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘର ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ଭାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ନାୟକ, ହାଡିବନ୍ଧୁ ଦାସ, ଆଇନଜୀବୀ ପ୍ରସନ୍ନ କୁମାର ପଣ୍ଡା, ଅଧ୍ୟାପକ ସୁମନ୍ତ କୁମାର ଜେନା, ଜିତେନ୍ଦ୍ର କୁମାର ରଣସିଂହ, ଶରତ ମହାପାତ୍ର, ଭଗବାନ ବରାଡ, ଦୁର୍ଯ୍ୟୋଧନ ସାହୁ, ପଦ୍ମନାଭ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

### କ୍ରିୟାନୁଷ୍ଠାନ କମିଟିଙ୍କୁ ବିଧାୟକ ଭେଟିଲେ



ଉପନିବନ୍ଧକ କାର୍ଯ୍ୟାଳୟ ଓ ଅନ୍ୟ ସମସ୍ୟାକୁ ନେଇ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଡାକ ବଙ୍ଗଳାରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

# ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ଗୃହରକ୍ଷୀ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୨।୪

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ ଅଭିଯୋଗରେ ମହିଳା ଥାନା ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ପାଟପୁର ଥାନା ଅନ୍ତର୍ଗତ ଡେଙ୍ଗାଡ଼ି ଗ୍ରାମର ଅରୁଣ କୁମାର ସେଠୀ(୩୩)। ସେ ଜଣେ ଗୃହରକ୍ଷୀ ଥିବା ଜଣାପଡିଛି। ବୁଧବାର ପୋଲିସ ମାମଲା ନମ୍ବର ୪୯/୨୩ରେ ତାଙ୍କୁ କୋର୍ଟ ଚାଲାଣ କରିଛି। ୨୦୧୩ ମେ' ୮ରେ ବିଜିପୁର ରଥ ସାହିର ଗାୟତ୍ରୀ ସେଠୀ ପାଟପୁର ଥାନା ଅନ୍ତର୍ଗତ ଡେଙ୍ଗାଡ଼ି ଗ୍ରାମର ଅରୁଣଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ବିଭିନ୍ନ କାରଣରୁ ଗାୟତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ମଙ୍ଗଳବାର ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଅରୁଣ ଉତ୍କ୍ଷିପ୍ତ ହୋଇ ଗାୟତ୍ରୀଙ୍କୁ ହତ୍ୟା ଉଦ୍ୟମ କରିଥିଲେ।

# ଜମିବାଡ଼ି ବିବାଦରୁ ୨ ଭାଇଙ୍କ ମଧ୍ୟରେ ମାରପିଟ

**ନୟାଗଡ଼ ଅଫିସ,୧୨।୪:** ନୟାଗଡ଼ ସଦର ଥାନା ପଥୁରିପଡ଼ା ଗାଁରେ ଜମିବାଡ଼ଇ ବିବାଦରୁ ୨ ଭାଇଙ୍କ ମଧ୍ୟରେ ବୁଧବାର ମାରପିଟ୍ ଘଟି ୨ଟି ପୃଥକ୍ ପୃଥକ୍ ମାମଲା ହୋଇଛି। ପୋଲିସ ଘଟଣାର ଅନୁଧାନ କରି ୨ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି। ଜମିବାଡି ବିବାଦକୁ ନେଇ ପଥରପଡା ଗାଁର ବଡ଼ଭାଇ ବାସୁଦେବ ରାଉତ ଓ ସାନ ଭାଇ କାଶୀନାଥ ରାଉତଙ୍କ ମଧ୍ୟରେ ବିବାଦ ଥିଲା। ଘର କାମ କରାଯାଉଥିବାବେଳେ ଜଣେ ଶ୍ରମିକଙ୍କ ଉତ୍ତେଜନା ପ୍ରବଣକଥାକୁନେଇ ୨ ପରିବାରମଧ୍ୟରେବାଦାନୁବାଦସହମାରିପଟ୍‌ହୋଇଛି। ଏଥିରେ ୨ ଭାଇ ସହ ପରିବାରର ଅନ୍ୟ କେତେଜଣ ସଦସ୍ୟ ମଧ୍ୟ ଆହତ ହୋଇଛନ୍ତି। ବଡ ଭାଇଙ୍କର ଅଭିଯୋଗ କ୍ରମେ ପୋଲିସ ନଂ.୬୨/୨୩ ଓ ସାନ ଭାଇଙ୍କ ଅଭିଯୋଗ ମୁତାବକ ନଂ. ୬୩/୨୩ରେ ମାମଲା ରୁଜୁ ହୋଇଛି।

# ଯୁବକଙ୍କ ଆକାଉଣ୍ଟରୁ ଗଲା ୮ ଲକ୍ଷ

ବ୍ରହ୍ମପୁର ଅଫିସ,୧୨।୪

### ସାଇବର ଠକେଇ

ସାଇବର ଠକେଇ ଧୀରେ ଧୀରେ ବଢ଼ିବାରେ ଲାଗିଛି। ବ୍ରହ୍ମପୁର ସହରର ଜଣେ ଯୁବକ ସାଇବର ଠକେଇର ଶିକାର ହୋଇ ୮ଲକ୍ଷ ଟଙ୍କା ହରାଇଛନ୍ତି। ବିଟ୍ କଏନ୍‌ରେ ବିନିଯୋଗ ଟଙ୍କା ଫେରି ପାଇବା ପ୍ରତିଶ୍ରୁତି ଦେଇ ସାଇବର୍ ଠକ ୮ଲକ୍ଷ ୧୦ହଜାର ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହୋଇଥିବା ଯୁବକ ହେଲେ ଅବିନାଶ ପାତ୍ର। ସେ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୮/୨୩ରେ ଏକ ମାମଲା ରୁଜୁ କରିଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବିଦ୍ୟୁତପୁରୀ କଲୋନୀରେ ରହୁଥିବା ଅବିନାଶ କ୍ରିପ୍ଟୋ କରେନ୍ସି ବିଟ୍ କଏନରେ ୨୦୧୭ରେ ଟଙ୍କା ବିନିଯୋଗ କରିଥିଲେ। ସେ ବିନିଯୋଗ କରିଥିବା ଟଙ୍କା ମାଚ୍ୟୁରିଟି ହେବା ନେଇ ଗତ ୯ତାରିଖରେ ତାଙ୍କ ପାଖକୁ ଏକ ହ୍ୱାଟ୍ସଆପ୍ ମେସେଜ୍ ଆସିଥିଲା। ମାଚ୍ୟୁରିଟି ଟଙ୍କା ପାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ଆପ୍‌ରେ ଟଙ୍କା ବିନିଯୋଗ କରିବାକୁ ପୁଣି ଏକ ହ୍ୱାଟ୍ସଆପ୍ ମେସେଜ୍ ଆସିଥିଲା। ପ୍ରଥମେ ୨୫ହଜାର ଓ ପରେ ୧୦ହଜାର ଟଙ୍କା ଅନ୍‌ଲାଇନ୍‌ରେ ଜମା କରିବା ପରେ ବିଟ୍ କଏନର ମାଚ୍ୟୁରିଟି ଟଙ୍କା ମିଳିବ ବୋଲି କୁହାଯାଇଥିଲା। ସେହି ଅନୁସାରେ ଅବିନାଶ ପ୍ରଥମେ ୨୫ହଜାର ଓ କିଛି ସମୟ ପରେ ୧୦ହଜାର ଟଙ୍କା ଅନ୍‌ଲାଇନ୍ ଟ୍ରାନ୍ସଫର୍ କରିଥିଲେ। ଏହାପରେ ମଧ୍ୟ ତାଙ୍କର ବିଟ କଏନ୍ ଟଙ୍କା ମିଳି ନ ଥିଲା। ଏଣୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ଅବିନାଶ ଦେଇଥିବା ଟଙ୍କା ଫେରସ୍ତ କରିବାକୁ କହିଥିଲେ। ହେଲେ ପୁଣିଥରେ ଟଙ୍କା ବିନିଯୋଗ କରିବାକୁ ତାଙ୍କୁ ହ୍ୱାଟ୍ସଆପ୍‌ରେ ମେସେଜ୍ ଆସିଥିଲା। ହେଲେ ଅବିନାଶ ଆଉ ଟଙ୍କା ପଠାଇ ନ ଥିଲେ। ରାତିରେ ସେ ତାଙ୍କର ବ୍ୟାଙ୍କ ଷ୍ଟେଟମେଣ୍ଟ ଯାଞ୍ଚ କରିବା ପରେ ଜାଣିବାକୁ ପାଇଥିଲେ ତାଙ୍କ ଅଜାଣତରେ କେହି ଜଣେ ବାରମ୍ବାର ଟଙ୍କା ଉଠାଇ ନେଇଛି। ତାଙ୍କ ଆକାଉଣ୍ଟରେ ପର୍ଯ୍ୟାୟ କ୍ରମେ ୩ ଲକ୍ଷ, ୨ଲକ୍ଷ ୧୦ହଜାର ଦୁଇଥର, ୩୦ହଜାର ଓ ୨୫ହଜାର ଟଙ୍କା ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିବା ଜାଣିବାକୁ ପାଇଥିଲେ। ବିଟ କଏନ୍ ଟଙ୍କା ଫେରି ପାଇବା ପାଇଁ ଶେଷରେ ଅବିନାଶ ସାଇବର୍ ଠକଙ୍କ ଜାଲରେ ପଡ଼ି ମୋଟ ୮ଲକ୍ଷ ୧୦ହଜାର ଟଙ୍କା ହରାଇଥିଲେ। ଏହି ଘଟଣା ଉପରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ରାଜା ହେଲେ ରାମଚନ୍ଦ୍ର: ଅଯୋଧ୍ୟାର ଭ୍ରମ ସୃଷ୍ଟି ହେଲା

ନୟାଗଡ଼ ଅଫିସ/ଦଶପଲ୍ଲା,୧୨।୪(ଡି.ଏନ୍.ଏ.)

ମଙ୍ଗଳ ରାତି ବୁଧ ପାହାନ୍ତିରେ ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ଶେଷ ହୋଇଛି। ରାବଣ ବଧ ଓ ଆତସବାଜି ପ୍ରଦର୍ଶନ ପରେ ବିଭୀଷଣଙ୍କ ସିଂହାସନ ଅରୋହଣ କରିଥିଲେ। ସୀତା ଅଗ୍ନି ପରୀକ୍ଷା ଦିଅନ୍ତି। ଶେଷରେ ବିଭୀଷଣଙ୍କ ଅନୁରୋଧକ୍ରମେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ବାନର ସେନା ପୁଷ୍ପକ ଯାନରେ ବସି ଅଯୋଦ୍ଧା ଗମନ କରିଥିଲେ। ବୁଧବାର ଭୋର ସମୟରେ ଏ ଦୃଶ୍ୟ ଅତିବ ମନୋହର ଥିଲା। ଚାରିଆଡେ ଖୁସିର ମହୋଲ। ଦଶପଲ୍ଲା ସହର ସେ ସମୟରେ ଅଯୋଦ୍ଧାର ଭ୍ରମ ସୃଷ୍ଟି କରିଥିଲା। ତଳେ ହଜାର ହଜାର ଦର୍ଶକ ସମାବେଶ ଓ ଉପରେ ପୁଷ୍ପକ ବିମାନ ଗମନ ଏକ ସ୍ୱର୍ଗୀୟ ବାତାବରଣ ସୃଷ୍ଟି କରିଥିଲା।



### ଲୁଟ ଅଭିଯୋଗରେ ୯ ମହିଳା ଜେଲ ଗଲେ

ଲଙ୍କାପୋଡି ଯାତ୍ରାରେ ସୁନା ଅଳଙ୍କାର ଚୋରି ଅଭିଯୋଗରେ ଦଶପଲ୍ଲା ଥାନା ପୋଲିସ ମଙ୍ଗଳବାର ରାତିରେ ଗିରଫ କରିଥିବା ୯ ମହିଳା ଓ ଡକାୟତିଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ୯ ମହିଳାଙ୍କୁ ଦଶପଲ୍ଲା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ଦଶପଲ୍ଲା ଲଙ୍କାପୋଡି ଯାତ୍ରାରେ ଗହଳିର ସୁଯୋଗ ନେଇ ମହିଳାମାନେ ଲୁଟପାତ କରି ଧରା ପଡିଥିଲେ। ଏଭଳିସ୍ଥଳେ କିଛି ମହିଳାଙ୍କ ବେକରୁ ସୁନା ଅଳଙ୍କାର ଲୁଟ୍ ହୋଇଥିଲା। ସୁନା ଅଳଙ୍କାର ଲୁଟ୍‌ରେ ମହିଳା ଚୋରି ର୍‌ୟାକେଟ୍ ସାମିଲ ଥିବା ଜଣାପଡିଛି। ଥାନାରେ ନଂ. ୧୦୩/୨୩ରେ ମାମଲା ରୁଜୁ ହୋଇ ଭଦ୍ରକ ଥାନା ମୋଚି ସାହିର ଗୀତା ରାଓ(୫୮)ଙ୍କୁ ସୁନା ମାଳି ଚୋରି ଅଭିଯୋଗରେ ଗିରଫ କରାଯାଇଥିଲା। ସୁନା ମାଳି ଚୋରି ଅଭିଯୋଗରେ ନଂ.୧୦୪/୨୩ରେ ମାମଲା ରୁଜୁ ହୋଇ ଖୋର୍ଦ୍ଧା ଜିଲା ଜଟଣୀ ଥାନା ରାଜାବଜାର ଏମ. ପୂଜା, ଜ୍ୟୋତି ରାଓ(୩୫), ଏନ. କାଜଲ(୪୦) ୩ଜଣ ମହିଳା ଗିରଫ ହୋଇଥିଲେ। ନଂ.୧୦୫/୨୩ରେ ମାମଲା ରୁଜୁ ହୋଇ ସୁନା ଅଳଙ୍କାର ଚୋରି ଅଭିଯୋଗରେ ପୁରୀ ସମୁଦ୍ରକୂଳ ଥାନା ପେଣ୍ଠକଟାର ପାର୍ବତୀ ନାଇଡ(୪୮), ଏମ. ପଦ୍ମା (୪୦), ମରି ନାଇଡୁ(୫୫) ଓ ଏସ୍ କାର୍ତ୍ତିକେ (୪୫), ଜଟଣୀ ଥାନା ରାଜବଗିଚା ଅଞ୍ଚଳର ଲକ୍ଷ୍ମୀ ନାଇଡୁ(୬୦) ଗିରଫ ହୋଇଥିବା ଥାନା ଅଧିକାରୀ ବସନ୍ତ ସାହୁ କହିଛନ୍ତି।

### ଗଣ୍ଡଗୋଳ ଅଞ୍ଚଳରେ ପୋଲିସ ନ ଥିଲା

ଦଶପଲ୍ଲାର ଲଙ୍କାପୋଡି ଜିଲାର ଏକ ପ୍ରସିଦ୍ଧ ଯାତ୍ରା ହୋଇଥିଲେ ହେଁ ପୋଲିସର ଭୂମିକା ଦେଖିବାକୁ ମିଳୁ ନ ଥିଲା। ଦଶପଲ୍ଲା ଥାନା ସମ୍ମୁଖରେ ମାଳ ମାଳ ପୋଲିସ ପଇନ୍ତରା ମାରୁଥିଲେ। ସେହିପରି ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ଯାନବାହନ ଚଳାଚଳ ଠିକ୍‌ରେ କରିବା ପାଇଁ ପୋଲିସ ଚକର କାଟି ଡ୍ୟୁଟି କରୁଥିଲେ। କିନ୍ତୁ ଯାତ୍ରାର ପ୍ରମୁଖ ସ୍ଥାନରେ ପୋଲିସର ଅଭାବ ଯୋଗୁ ଉତ୍ତେଜନା ପ୍ରକାଶ ପାଇଥିଲା। ୩୫ ଫୁଟର ରାବଣ ରହିଥିବା ସ୍ଥାନ ଓ ମହାବୀର ମନ୍ଦିର ନିକଟସ୍ଥ କାଷ୍ଠ ମୁଖାଧାରୀ ରାମଲୀଳା ହେଉଥିବା ସ୍ଥାନରେ ପୋଲିସମାନଙ୍କୁ ଦେଖିବାକୁ ମିଳୁ ନ ଥିଲା। ଯାତ୍ରା ଦେଖିବାକୁ ଆସୁଥିବା ଯୁବତୀମାନଙ୍କୁ କମେଟ ମରାଯାଉଥିବାବେଳେ ଅଶ୍ଲୀଳ ଇଙ୍ଗିତ ପ୍ରଦର୍ଶନ କରାଯାଉଥିଲା। ଏହାକୁ ନେଇ ମାରପିଟ୍, କଥା କଟାକଟି ଘଟିଥିଲା। ଦୁର୍ବୃତ୍ତମାନେ ଚୋରି କରିବାରେ ସକ୍ରିୟ ହୋଇଥିଲେ। ନିକଟରେ ପୋଲିସ ନ ଥିବାରୁ ସାଧାରଣରେ ଭୟ ସୃଷ୍ଟି ହୋଇଥିଲା। ଆସନ୍ତା ବର୍ଷ ଲଙ୍କାପୋଡି ଯାତ୍ରାରେ ଅଧିକ ସଂଖ୍ୟକ ପୋଲିସ ଯୋଗାଇବାକୁ ଦାବି ହୋଇଛି।

